52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ ାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 114 | Brahmapur | Sunday 07 June 2026 | ବର୍ଷ: ୪୫/ ଅଙ୍କ: ୧୧୪ | ରବିବାର ୭ ଜୁନ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ୫.୫.୦୦

କଳରାପତରିଆ ବାଘ ଛାଲ ଜବତ, ୮ ଗିରଫ



ରାୟଗଡ଼ା, ୬।୬ : କଳରାପତରିଆ ବାଘଛାଲ କିଣାବିକା ନେଇ ଡିଏଫଓ କୌଣସି ସୂତ୍ରରୁ ଖବର ପାଇ କଲ୍ୟାଣସିଂହପୁର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ରିଭଲକଣା ଠାରେ ଜଙ୍ଗଲ ବିଭାଗ କର୍ମଚାରୀମାନେ ଚଢ଼ାଉ କରିଛନ୍ତି। ବାଘ ଛାଲ ବେପାର କରୁଥିବା ବେଳେ ଜଙ୍ଗଲ ବଭାଗ କର୍ମଚାରୀମାନେ ୮ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହେବା ସହ ସେମାନଙ୍କ ଠାରୁ ଗୋଟିଏ ବାଘ ଚମଡ଼ା ଜବତ କରିଛନ୍ତି । ଏହି ଚଢ଼ାଉରେ କଳାହାଣ୍ଡି ଏବଂ ରାୟଗଡ଼ା ଜଙ୍ଗଲ ବିଭାଗର କର୍ମଚାରୀମାନେ ଭାଗ ନେଇଥିଲେ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କୁ ତଦନ୍ତ ପାଇଁ ରାୟଗଡ଼ା ଅଣାଯାଉଥିବା ଜଙ୍ଗଲ ବିଭାଗ କର୍ମଚାରୀ ପ୍ରକାଶ କରିଛନ୍ତି। ତଦନ୍ତ ପରେ ବାଘ ଛାଲ କେଉଁଠାରୁ ଅଣାଯାଇଥିବା ସେନେଇ ସ୍ପଷ୍ଟ ହେବ ଜୁହାଯାଇଛି । ତଦନ୍ତ ପରେ ବାଘ ଛାଲ କେଉଁଠାରୁ ଅଣାଯାଇଥିବା ସେନେଇ ସ୍ପଷ୍ଟ ହେବ । ଏହି ଚଢ଼ାଉରେ ରାୟଗଡ଼ା ରେଞ୍ଜର ଅନୀଲ ପାଣିଗ୍ରାହି, କଲ୍ୟାଣସିଂହପୁର ରେଞ୍ଜର ସଚ୍ଚିଦାନନ୍ଦ ପରିଡା, ଗୌରୀ ଶଙ୍କର ସାହୁ, ରବି ଚନ୍ଦ୍ର ପାତ୍ର ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ତଦନ୍ତ ପରେ ସବିଶେଷ ତଥ୍ୟ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିବେ ବୋଲି ରାୟଗଡ଼ା ଡିଏଫଓ ସଚ୍ଚିନ ଆନ୍ନା ସାହେବ ଓହଲ କହିଛନ୍ତି । ଏଠାରେ ସୂଚନାଯୋଗ୍ୟଯେ ରାୟଗଡ଼ା ଜିଲ୍ଲାରୁ ଗତ ୨ବର୍ଷ ମଧ୍ୟରେ ପାଖାପାଖି ୧୦ଟି କଲରାପତରିଆ ବାଘ ଛାଲ ଜବତ ହେଲାଣି । ରାୟଗଡ଼ା ଜିଲ୍ଲାର ଗୁମ୍ମା ରଜର୍ଭ ଫରେଷ୍ଟ ଏବଂ ମୁନିଗୁଡା ରେଞ୍ଜର ଚନ୍ଦ୍ରପୁର ବନାଞ୍ଚଳରେ ବହୁସଂଖ୍ୟକ କଲରାପତରିଆ ବାଘ ଦେଖାଯାଉଥିଲେ । କିନ୍ତୁ ନିକଟରେ ଜଙ୍ଗଲ ବିଭାଗ ଦ୍ୱାରା ହୋଇଥିବା ବାଘ ଗଣନା ସମୟରେ ଗୋଟିଏ ମଧ୍ୟ ବାଘର ସୂଚନା ଟ୍ରାପ କେମେରାରେ ଧରାପଡିନଥିଲା। ଗତ ଡିସେମ୍ବର ମାସରେ ଶେଷଥର ପାଇଁ ଟ୍ରାପ କମେରାରେ ଗୋଟିଏ ବାଘର ସୂଚନା ମିଳିଥିଲା । ବର୍ତମାନ ମିଳିଥିବା କଲରାପତରିଆ ବାଘ ଛାଲକୁ କଳାହାଣ୍ଡି ଜିଲ୍ଲା କର୍ଲାପାଟ ରିଜର୍ଭ ଫରେଷ୍ଟ ଅଞ୍ଚଳରୁ ଅଣାଯାଇଥିବା ଅନୁମାନ କରାଯାଉଛି ।

ସବୁ ପୌରାଞ୍ଚଳରେ ହେବ ଇଭି ଚାର୍ଜିଂ ଷ୍ଟେସନ

ଭୁବନେଶ୍ୱର, ୬।୬: ରାଜ୍ୟରେ ବୈଦ୍ୟୁତିକ ଯାନ ବା ଇଭି ଗାଡ଼ି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ସରକାରୀ ଅଫିସଗୁଡ଼ିକରେ ଭଡ଼ା ପାଇଁ ଇଭି ଗାଡ଼ି ବାଧତାମୂଳକ କରିବା ପରେ ଏବେ ରାଜ୍ୟର ସବୁ ସହରାଂଚଳରେ ଇଭି ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସବୁ ମହାନଗର ନିଗମ, ପୌରପାଳିକା ଓ ଏନଏସିଗୁଡ଼ିକରେ ଇଭି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା କରିବା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ବା ଏସଓପି ପ୍ରସ୍ତୁତ କରାଯାଇଛି। ଗୃହ ନିର୍ମାଣ ଓ ନଗଁର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ଚିଠା ଏସଓପିକୁ ଏବେ ବାଣିଜ୍ୟ ଓଁ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ଇଭି ପଲିସି ୨୦୨୧ ର ନିୟମାବଳୀ ଆଧାରରେ ଯାଂଚ କରିବା ନିମନ୍ତେ ରାଜ୍ୟ ପରିବହନ କମିଶନରଙ୍କ ପାଖକୁ ପଠାଯାଇଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ଏହି ଇଭି ଚାର୍ଜିଂ ଷ୍ଟେସନ ଗୁଡ଼ିକୁ ସହରାଂଚଳର ଏକ ରାଜସ୍ୱ ଆଦାୟକାରୀ ଭିତ୍ତିଭୂମି ଭାବେ ସାମିଲ କରାଯାଇଛି, ଯାହା ସହରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବ। ସହ ପୌରସଂସ୍ଥା ଗୁଡ଼ିକର ଆୟ ବୃଦ୍ଧିରେ ମଧ୍ୟ ସହାୟକ ହେବ।

ଏହି ଏସଓପି ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ସହରାଂଚଳର ସ୍ଥାନୀୟ ସଂସ୍ଥା ବା ୟୁଏଲବିଗୁଡ଼ିକ ସେମାନଙ୍କ ଅଧୀନରେ ଥିବା ସରକାରୀ ଜମିକୁ ଏହି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା ପାଇଁ ଚିହ୍ନଟ କରିବେ। ଏହି ସ୍ଥାନ ଚୟନ ସମୟରେ ବିଶେଷକରି ପାର୍କିଂ ହବ୍, ବ୍ୟବସାୟିକ କେନ୍ଦ୍ର, ସରକାରୀ କୋଠାବାଡ଼ି, ବଜାର ଓ ପ୍ରମୁଖ ଯାତାୟାତ କରିଡରଗୁଡ଼ିକୁ ପ୍ରାଥମିକତା ଦିଆଯିବ।

ଏହାସହିତ ସମ୍ପୃକ୍ତ ସ୍ଥାନରେ ପର୍ଯ୍ୟାପ୍ତ ଜାଗା, ଜନସାଧାରଣଙ୍କ ପାଇଁ ସହଜ ଗମନାଗମନ ବ୍ୟବସ୍ଥା, ବୈଦ୍ୟୁତିକ ସଂଯୋଗୀକରଣର ସୁବିଧା, ନିରାପତ୍ତା ଓ ଭବିଷ୍ୟତରେ ଏହାର ସମ୍ପ୍ରସାରଣ ପାଇଁ ଥିବା ସୁଯୋଗକୁ ବିଚାରକୁ ନିଆଯାଇ ସ୍ଥାନ ଚୂଡ଼ାନ୍ତ କରାଯିବ। ଏହି ପ୍ରକଳ୍ପ ଅଧୀନରେ ଚିହ୍ନଟ ହୋଇଥିବା ସ୍ଥାନଗୁଡ଼ିକର ବିକାଶ ଓ ଆନୁସଙ୍ଗିକ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ପୌରସଂସ୍ଥା ଗୁଡ଼ିକ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ପାଣ୍ଠିରୁ ସମ୍ପାଦନ କରିବେ। ଏହି ସ୍ଥାନଗୁଡ଼ିକରେ ଗାଡ଼ି ରଖିବା ପାଇଁ ପାର୍କିଂ ସେଡ୍, ଆଲୋକୀକରଣ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ସୁବିଧା, ଶୌଚାଳୟ ଓ ଚାର୍ଜିଂ ଷ୍ଟେସନ ପାଇଁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ଆନୁସଙ୍ଗିକ ସେବା ପ୍ରଦାନ କରାଯିବ। ଯେଉଁ ପୌର ସଂସ୍ଥାଗୁଡ଼ିକୁ ୨୦୨୫-୨୬ ଆର୍ଥିକ ବର୍ଷରେ ପାଣ୍ଠି ପ୍ରଦାନ କରାଯାଇଛି, ସେମାନେ ନିଜର ଆବଶ୍ୟକତା ଅନୁଯାୟୀ ଏହି ଅର୍ଥକୁ ଉପଯୋଗ କରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିପାରିବେ। ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷର ବାର୍ଷିକ କାର୍ଯ୍ୟ ଯୋଜନାରେ ସମସ୍ତ ସାଇଟ୍ ବିବରଣୀ ଓ ଜିଓ-କୋଅର୍ଡିନେଟ୍ସ ସହିତ ଏହି ପ୍ରସ୍ତାବକୁ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚାର୍ଜିଂ ଷ୍ଟେସନ ଗୁଡ଼ିକର ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଉପଯୁକ୍ତ ସଂସ୍ଥା ବା ଏଜେନ୍ସି ଚୟନ କରାଯିବ। ବାଣିଜ୍ୟ ଓ ପରିବହନ ବିଭାଗର ନିର୍ଦ୍ଦେଶାବଳୀ ଓ ଓଡ଼ିଶା ଇଭି ନୀତି-୨୦୨୧କୁ ଆଧାର କରି ପୌର ସଂସ୍ଥାଗୁଡ଼ିକ ଏହି ଟେଣ୍ଡର ପ୍ରକ୍ରିୟା ପରିଚାଳନା କରିବେ। ମନୋନୀତ ଏଜେନ୍ସି ଚାର୍ଜିଂ ଭିତ୍ତିଭୂମି ସ୍ଥାପନ କରିବା ସହ ଏହାର ସମ୍ପୂର୍ଣ୍ଣ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ ଓ ଏଥିରୁ ମିଳୁଥିବା ରାଜସ୍ୱ ବା ଆୟକୁ ପୌର ସଂସ୍ଥା ସହିତ ଭାଗ କରିବେ। ରାଜ୍ୟ ସରକାର ଏହି ଏସଓପିକୁ ଖୁବଶୀଘ୍ର ଚୂଡ଼ାନ୍ତ ରୂପ ଦେଇ ରାଜ୍ୟର ସମସ୍ତ ପୌରାଂଚଳରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛନ୍ତି।

୩୦ ସୁଦ୍ଧା ବୋର୍ଡ-ନିଗମ ନିଯୁକ୍ତି

ବଢିଲା ଲବିରେ ଥିବା ନେତାଙ୍କ ଆଶା

ଭୁବନେଶ୍ୱର, ୬।୬ : ବୋର୍ଡ-ନିଗମରେ ଖାଲି ଥିବା ପଦବୀ ପୂରଣ ପାଇଁ ଫିଟିଲା ବାଟ । ତ୍ୱରାନ୍ୱିତ ହେଲା ବୋର୍ଡ-ନିଗମ ନିଯୁକ୍ତି ପ୍ରକ୍ରିୟା । ଜୁନ ୩୦ ତାରିଖ ସୁଦ୍ଧା ବୋର୍ଡ-ନିଗମ ପଦବୀରେ ନିଯୁକ୍ତି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ସରାକର । ବିଭିନ୍ନ ବିଭାଗ ଅଧୀନରେ ଆସୁଥିବା ବୋର୍ଡ-ନିଗମରେ କେତେ ପଦବୀ ଖାଲି ଅଛି ଏବଂ ନୂଆ ସରକାର ଆସିବା ପରେ କେତେ ନିଯୁକ୍ତି ହୋଇଛି ତାର ତଥ୍ୟ ମାଗିଥିଲେ ସରକାର ନିର୍ଦ୍ଦେଶ ଅନୁସାରେ ତଥ୍ୟ ଦେଇଛି ବିଭାଗ । ତେବେ ୨ ବର୍ଷ ହେଲା ବିଭିନ୍ନ ବୋର୍ଡ ଏବଂ ନିଗମର ଅଧକ୍ଷ ପଦବୀ ମଧ୍ୟ ଖାଲି ପଡିଛି ।୧୭ଟି ବିଭାଗରେ ୩୨ଟି ବୋର୍ଡ-ନିଗମ ବାବଦରେ ତଥ୍ୟ ଦିଆଯାଇଛି ନୂଆ ସରକାର ଆସିବା ପରେ ୩୨ଟି ବୋର୍ଡ ନିଗମରେ ୬୭୭ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଜୁନ ୩୦ ସୁଦ୍ଧା ୧୧୮୩ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି ସରକାର ।

ତେବେ ୧୭ଟି ବୋର୍ଡ ନିଗମରେ ଜଣେ ବି ନିଯୁକ୍ତ ହୋଇ ନାହାନ୍ତି ଦୁଇ ବର୍ଷ ହେଲା ବିଭିନ୍ନ ବୋର୍ଡ ଏବଂ ନିଗମର ଅଧକ୍ଷ ପଦବୀ ଖାଲି ରହିଥିବା ବେଳେ ଖୁ ଶୀଘ୍ର ଏହାକୁ ପୂରଣ କରାଯାଇ ପାରେ ନିକଟରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ଏନେଇ କେନ୍ଦ୍ର ନେତୃତ୍ୱଙ୍କ ସହ ଆଲୋଚନା ହୋଇଥିବା କୁହାଯାଉଥିଲା ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୧୭ଟି ବୋର୍ଡ ଓ ନିଗମରେ ଏପର୍ଯ୍ୟନ୍ତ ଜଣେ ହେଲେ ମଧ୍ୟ ନିଯୁକ୍ତି ପାଇନାହାନ୍ତି ।

ଅନେକ ସଂସ୍ଥାର ଅଧକ୍ଷ ଓ ସଦସ୍ୟ ପଦ ଦୀର୍ଘ ଦିନ ଧରି ଖାଲି ପଡ଼ି ରହିଥିବାରୁ କାର୍ଯ୍ୟକ୍ଷମତା ଉପରେ ମଧ୍ୟ ପ୍ରଭାବ ପଡ଼ିଥିଲା ।ଏବେ ସମସ୍ତଙ୍କ ନଜର ଜୁନ୍ ୩୦ ଉପରେ । କାହାକୁ ମିଳିବ ବୋର୍ଡ-ନିଗମର ଦାୟିତ୍ୱ, କେଉଁ ନେତା କିମ୍ବା କର୍ମୀଙ୍କ ଭାଗ୍ୟ ଖୋଲିବ, ତାହାକୁ ନେଇ ରାଜନୈତିକ ଚର୍ଚ୍ଚା ଲାଗିରହିଛି । ଜୁନ୍ ଶେଷ ସପ୍ତାହରେ ଏହି ସସପେନ୍ସ ଉପରୁ ପରଦା ଉଠିପାରେ ।

ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ନିର୍ବାହୀ ଯନ୍ତ୍ରୀ

ଫୁଲବାଣୀ, ୬।୬ (ଆନିସ): କୋଟିକୋଟି ଟଙ୍କା ଆୟ ବର୍ହିଭୁତ ସଂପତ୍ତି ଠୁଳ କରିଥିବା ବାଲିଗୁଡ଼ା ଅ।ଇ।ଟି।ଡି।ଏ ସହକାରୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରା ଙ୍କ କାର୍ଯ୍ୟାଳୟ, ନିଜ ଘର, ସମ୍ପର୍କୀୟ ଘର ଆଦି ୯ଟି ସ୍ଥାନରେ ଶନିବାର ଭିଜିଲାନସ୍ ବିଭାଗ ପକ୍ଷରୁ ଚଢାଉ ଆରମ୍ଭ ହୋଇଛି ଏ ଇଇ ବେହେରା ଙ୍କ ନାମରେ ବହୁ ପୁର୍ବରୁ ଦୁର୍ନୀତି ଓ ଅର୍ଥ ଆତ୍ମସାତ ନେଇ ଅଭିଯୋଗ ହୋଇ ଆସୁଥିଲାସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଭୁବନେଶ୍ୱରଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଆଜି ଏହି ଚଢାଉ କରିଛି ଭିଜିଲାନସ୍ ଟିମ୍ ବେହେରାଙ୍କ ବାଲିଗୁଡ଼ା ସ୍ଥିତ ସରକାରୀ କାର୍ଯ୍ୟାଳୟ, ବାସଭବନ, ଯାଜପୁର ଧର୍ମଶାଳା ରେ ଥିବା ବାସଭବନ, ସମେତ ବାରିପଦା ଓ ଧର୍ମଶାଳା ରେ ଥିବା ସମ୍ପର୍କୀୟ ମନଙ୍କ ଘର ଉପରେ ଚଢାଉ କରି ଭିଜିଲାନସ୍ ବହୁତ ଗୁରୁତ୍ୱ ପୂର୍ଣ୍ଣ କାଗଜ ପତ୍ର ଠାବ କରି ଛି ବେହେରାଙ୍କ ର ଭୁନେଶ୍ୱରସ୍ଥିତ ନିଜାଦ୍ରୀ ବିହାର ରେ ୪ମହଲା ପ୍ରାସାଦ, ଶୈଳଶ୍ରି ବିହାର ରେ ତିନି ମହଲା ଘର, ପଟିଆ କାନନ ବିହାର ଫେଜ୍ -୧ ରେ ଦୁଇ ମହଲା, ଚନ୍ଦ୍ର ଶେଖର ପୂର୍ ରେ ଦୁଇ ମହଲା ଘର ଠାବ କରିଛି ଭିଜିଲାନ୍ସ ବିଭାଗ । ଜାଜ୍‌ପୁର ଧର୍ମଶାଳା ନିକଟ ପାଣ୍ଡୁଆ ଗ୍ରାମରେ ଦୁଇ ମହଲା ଘର, ସମେତ ବ୍ୟାଙ୍କ ଖାତା, ସୁନା ରୂପା ଗହଣା, ଲକ୍‌ର ଆଦିର ସନ୍ଧାନ ପାଇଛି ଭିଜିଲାନସ୍ । ଏ ସବୁର ସବିଶେଷ ତଦନ୍ତ ଓ ହିସାବ ପରେ ମୋଟ ଆୟ ବର୍ହିଭୁତ ସଂପତ୍ତି ମୂଲ୍ୟ ଜଣାପଡ଼ିବ । ଭିଜିଲାନସ୍ ଟିମ୍ ରେ ୨ଅତିରିକ୍ତ ଏସପି, ୫ଟି ଏସପି, ୬ଜଣ ଇନ୍ସପେକ୍ଟର, ଓ ଅନ୍ୟ ଅଧିକାରୀ ମାନେ ସାମିଲ ଥିଲେ ।

ପୁଅ ବିଷ ପିଇଦେଲେ, ବାପା ରେଳଧାରଣାରେ ମୁଣ୍ଡ ଦେଲେ

କରଜର କରୁଣ ଅନ୍ତ

ଭୁବନେଶ୍ୱର, ୬।୬ : କରଜରେ ବୁଡ଼ି ରହିଥିଲେ ବାପା। ବିଦେଶରେ ରହି କରଜ ସୁଝୁଥିଲେ ପୁଅ। ବାପା କରଜ କରିଥିବା ତଥା ସେଥିରୁ ଝିଅକୁ (ବିବାହିତା) ୫ ଲକ୍ଷ ଟଙ୍କା ଦେବା କଥା ଶୁଣି ରାଗି ଯାଇଥିଲେ ପୁଅ। ଏହାକୁ ନେଇ ଗତକାଲି ରାତିରେ ବାପପୁଅଙ୍କ ମଧ୍ୟରେ ହୋଇଥିଲା ପ୍ରବଳ ଝଗଡ଼ା। ଏହା ପରେ ରାତି ପ୍ରାୟ ୨ଟା ବେଳେ ବାପା ସାଇକେଲ ଧରି ଘରୁ ବାହାରି ଯାଇଥିଲେ। ଗଲା ବେଳେ କହିଥିଲେ ଯେ ସେ ଆଉ ଫେରିବେନି। କୁଆଡ଼େ ଗୋଟେ ପଳେଇବେ ବୋଲି କହିଥିଲେ। ଏହା ଶୁଣି ପୁଅ ଆହୁରି ରାଗି ଯାଇଥିଲେ ଓ ବିଷ ପିଇ ଦେଇଥିଲେ। ତାଙ୍କୁ ତୁରନ୍ତ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଖୋଜାଖୋଜି କରିବା ପରେ ବାଲୁଗାଁ ଷ୍ଟେସନ ନିକଟ ରେଳ ଧାରଣାରୁ ମିଳିଥିଲା ବାପାଙ୍କ ମୃତଦେହ। ସେ ରେଳ ଧାରଣାରେ ଶୋଇ ଆତ୍ମହତ୍ୟା କରିଥିବା କୁହାଯାଉଛି।ଏହି ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା କେଶପୁର ଗାଁରେ। ମୃତକମାନେ ହେଉଛନ୍ତି ନବଘନ ପ୍ରଧାନ ଓ ତାଙ୍କ ସାନ ପୁଅ ତୋଫାନ ପ୍ରଧାନ। ନବଘନ ତାଙ୍କ ଗାଁ ତଥା ଆଖପାଖ ଗାଁରୁ ବିଭିନ୍ନ ଲୋକଙ୍କଠାରୁ ୧୦ ଲକ୍ଷରୁ ଅଧିକ ଟଙ୍କା ଉଧାରି କରିଥିଲେ। ସେଥିରୁ ସେ ୫ ଲକ୍ଷ ତାଙ୍କ ଝିଅଙ୍କୁ ଦେଇଥିଲେ, ଯିଏ ବିବାହିତା। ୧୦ ଦିନ ତଳେ ବିଦେଶରୁ ଘରକୁ ଫେରିଥିବା ତୋଫାନ ଏ କଥା ଜାଣିବା ପରେ ଭାରି ବିରକ୍ତ ହୋଇଥିଲେ। ଏହି କଥାକୁ ନେଇ ଗତକାଲି ରାତିରେ ବାପପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଆଉ ତା'ପରେ ଉଭୟେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଆଜି ଗାଁ ମଶାଣିରେ ଗୋଟିଏ ଜୁଇରେ ନବଘନ ଓ ତାଙ୍କ ପୁଅ ତୋଫାନଙ୍କର ଶବ ସତ୍କାର କରାଯାଇଛି। ଏହି ଘଟଣାକୁ ନେଇ ପୂରା ଗାଁ ମର୍ମାହତ ହୋଇଛି।

ଅସ୍ଥି ବିସର୍ଜନ ବେଳେ ସଡ଼କ ଦୁର୍ଘଟଣା

ପରିବାରର ନ' ମୃତ

ନୂଆଦିଲ୍ଲୀ, ୬।୬: ପଞ୍ଜାବ ଫିରୋଜପୁର ଅନ୍ତର୍ଗତ ଫାଜିଲକା-ଫିରୋଜପୁର ରାସ୍ତାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଯାତ୍ରୀବାହୀ ପିକ୍ ଅପ୍ ଭ୍ୟାନ ଏବଂ ଟ୍ରଲର୍ ମଧ୍ୟରେ ଆଜି ସକାଳେ ଧକ୍କା ଘଟି ଗୋଟିଏ ପରିବାରର ୯ ଜଣଙ୍କର ମୃତ୍ୟୁ ଘଟିଛି । ମୃତକମାନଙ୍କ ମଧ୍ୟରେ ୫ ଜଣ ମହିଳା, ଜଣେ ଶିଶୁ ଏବଂ ୩ ଜଣ ପୁରୁଷ ରହିଛନ୍ତି। ଦୁର୍ଘଟଣାରେ ପାଖାପାଖି ୧୫ ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି । ସମସ୍ତ ଗୁରୁତର ଆହତଙ୍କୁ ନିକଟସ୍ଥ ସରକାରୀ ଓ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସଂକଟାପନ୍ନ ଅବସ୍ଥାରେ ଥିବା ବ୍ୟକ୍ତିଙ୍କୁ ଫରିଦକୋଟକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରାଥମିକ ସୂଚନା ଅନୁଯାୟୀ, ଜଲାଲାବାଦ ଅଞ୍ଚଳର ଏହି ପରିବାର ନିଜ ବୃଦ୍ଧା ମାଆଙ୍କ ଅସ୍ଥି ବିସର୍ଜନ କରିବା ପାଇଁ ଡେରା ବ୍ୟାସ ଅଭିମୁଖେ ବାହାରିଥିଲେ । ପୁରୁଷ, ମହିଳା ଓ ଶିଶୁଙ୍କୁ ମିଶାଇ ପାଖାପାଖି ୨୭ ଜଣ ପରିବାର ସଦସ୍ୟ ଏକ ଭ୍ୟାନରେ ଯାତ୍ରା କରୁଥିବା ବେଳେ ଏହି ଦୁର୍ଘଟଣାର ଶିକାର ହୋଇଛନ୍ତି । ମୃତକମାନେ ପଞ୍ଜାବର ଜଲାଲାବାଦ ଅଞ୍ଚଳର ବାସିନ୍ଦା ଅଟନ୍ତି । ଏହି ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ଦୁର୍ଘଟଣା ଖବର ମିଳିବା ପରେ ପୋଲିସ ଏବଂ ଉଦ୍ଧାରକାରୀ ଦଳ ସଙ୍ଗେ ସଙ୍ଗେ ପହଞ୍ଚିଥିଲେ । ମୃତକମାନଙ୍କୁ ସିଭିଲ୍ ହସ୍ପିଟାଲରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଜଣେ ପରିବାର ସଦସ୍ୟ କହିଛନ୍ତି, ସେମାନେ ଭୋର୍ ୪ଟା ସମୟରେ ଡେରା ବ୍ୟାସ ଅଭିମୁଖେ ଘରୁ ବାହାରିଥିଲେ । ଏହି ଯାତ୍ରା ସେମାନଙ୍କ ଶେଷ ଯାତ୍ରା ପାଲଟିଯିବ ବୋଲି କେହି କେବେ ଭାବିନଥିଲେ । ପରିବାରର ମୁଖ୍ୟ ତଥା ବାପାଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କର ଏହି ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ତାଙ୍କ ପୁଅ ସୂଚନା ଦେଇଛନ୍ତି । ପୋଲିସ ପକ୍ଷରୁ କୁହାଯାଇଛି ଯେ, ପିକ୍ ଅପ୍ ଭ୍ୟାନରେ ୨୭ ଜଣ ଯାତ୍ରା କରୁଥିଲେ। ଗାଡ଼ିଟି ଜଲାଲାବାଦଠାରୁ ଅମୃତସର ବ୍ୟାସକୁ ଯାତ୍ରା କରୁଥିଲା । ଦୁର୍ଘଟଣାରେ ଆହତମାନଙ୍କୁ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଅତି ଗୁରୁତର ଆହତଙ୍କୁ ଫିରୋଜପୁର ଗୁରୁ ଗୋବିନ୍ଦ ସିଂ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି । ଏହି ଘଟଣାର ଯାଞ୍ଚ କରିବା ସହିତ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଗୋଟିଏ ପରିବାରର ଏତେ ସଂଖ୍ୟକ ବ୍ୟକ୍ତିଙ୍କ ମୃତ୍ୟୁ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ଏହି ଦୁର୍ଘଟଣା ଘଟିବା ପଛର କାରଣ ଖୋଜୁଛି ପୋଲିସ ।

ଯନ୍ତରମନ୍ତରରେ ସିଜେପିର ବିଶାଳ ବିକ୍ଷୋଭ

ତେଜିଲା ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି

ନୂଆଦିଲ୍ଲୀ, ୬।୬ : ଦିଲ୍ଲୀର ଯନ୍ତରମନ୍ତରରୁ ଶୁଭିଛି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି। ଯନ୍ତରମନ୍ତରରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରି ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କରିଛି କକ୍ରୋଚ ଜନତା ପାର୍ଟି (ସିଜେପି) । ଯୁବଗୋଷ୍ଠୀଙ୍କ ଦ୍ୱାରା ସୋଶାଲ ମିଡିଆରୁ ଆରମ୍ଭ ହୋଇଥିବା ଏହି ସଂଗଠନର ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ଦେ

ବିଶ୍ୱ ପରିବେଶ ଦିବସ ପାଳିତ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ

ଢେଙ୍କାନାଳ, ୬।୬ (ଆନିସ): ବିଶ୍ୱ ପରିବେଶ ଦିବସ ଅବସରରେ ଢେଙ୍କାନାଳ ଓନ୍ ଷ୍ଟପ୍ ସେଣ୍ଟର (ଓଏସ୍‌ସି) ପରିସରରେ ଏକ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ଏବଂ ସବୁଜ ପରିବେଶ ଗଠନର ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିଏମଓ (ଇନ୍‌ଚାର୍ଜ) ଡାକ୍ତର ନୀଳମଣି ଦିଲ୍ଲୀପ ଚାନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

ଏହି ଅବସରରେ ପରିବେଶ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିବା ବେଳେ ପ୍ରତ୍ୟେକ ବ୍ୟକ୍ତି ସବୁଜ ଓ ସୁସ୍ଥ ପରିବେଶ ଗଠନ ଦିଗରେ ନିଜର ଅବଦାନ ରଖିବାକୁ ଆହ୍ୱାନ ଦିଆଯାଇଥିଲା।.

ଓଏସ୍‌ସି କେନ୍ଦ୍ର ପ୍ରଶାସିକା ରଞ୍ଜିତା ମଞ୍ଜରୀ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ ଓ ମାନସିକ ପରାମର୍ଶଦାତ୍ରୀ ଶ୍ୱେତା ପରିଡା, କେସ୍ ୱାର୍କର ଲିପ୍ସା ପାତ୍ର ଓ ମଧୁସ୍ମିତା ପଣ୍ଡା, ସ୍ୱାସ୍ଥ୍ୟ କର୍ମୀ ସ୍ୱାଗତିକା ସାହୁଙ୍କ ସମେତ କର୍ମଚାରୀ ମେନକା ଜେନା, ରୋଜାଲିନ ସାହୁ, ମାମାଲି ପ୍ରଧାନ, ସଞ୍ଜିତା ନାୟକ ଓ ଭାଗ୍ୟଶ୍ରୀ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

କାର୍ଯ୍ୟକ୍ରମ ଶେଷରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପ୍ରତି ସମସ୍ତେ ନିଜକୁ ସମର୍ପିତ ରଖିବାକୁ ସଂକଳ୍ପ ଗ୍ରହଣ କରିଥିଲେ।

୧୪ ଗୋରୁ ଉଦ୍ଧାର, ପିକଅପ ଭ୍ୟାନ ଓ ବାଇକ୍ ଜବତ, ୩ ଫେରାର

ବୋଲଗଡ଼, ୬।୬ (ଆନିସ): ବୋଲଗଡ଼ ଥାନା ଅସନପଲ୍ଲୀ ଗ୍ରାମରୁ ଗୁରୁବାର ସକାଳେ ବେଆଇନ ଭାବେ ଚାଲାଣ ହେବାପାଇଁ ଗାଡ଼ିରେ ଭର୍ତ୍ତି କରାଯାଉଥିବାବେଳେ ୧୪ଟି ଗୋରୁଙ୍କୁ ଉଦ୍ଧାର କରିଛି ପୋଲିସ।ତେବେ ଘଟଣାସ୍ଥଳରୁ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଛନ୍ତି।ସେଠାରୁ ପୋଲିସ ୯ଟି ଗାଈ ଓ ୫ଟି ଷଣ୍ଢ କୁ ଉଦ୍ଧାର କରି ବୋଲଗଡ଼ ନିକଟ ବରହମପୁରା ସ୍ଥିତ ଧାନ ଫାଉଣ୍ଡେସନ ନାମକ ଗୋଶାଳା କୁ ହସ୍ତାନ୍ତର କରିଥିବାବେଳେ ଗୋଟିଏ ନମ୍ବରବିହୀନ ପିକଅପ ଭ୍ୟାନ ଓ ଗୋଟିଏପଲସର୍ ବାଇକ୍ ନଂ ୨୫ ୧୨୨୮ କୁ ଜବତ କରିଛି।ବେଆଇନ ଚାଲାଣ ପାଇଁ ଅସନପଲ୍ଲୀ ଗ୍ରାମର ଶେଖ କାସୀମଙ୍କ ଘର ପଛପଟେ ବ୍ୟବସ୍ଥା ହେଉଥିବାର ବିଶ୍ୱସ୍ତ ସୂଚନା ପାଇଥିଲେ।ପରେ ତାଙ୍କ ନିର୍ଦ୍ଦେଶରେ ଏଏସଆଇ ଉମାଶଙ୍କର ନାୟକ ସଦଳବଳେ ସେଠି ପହଞ୍ଚିଥିଲେ।ତେବେ ସେଠାରୁ ପୋଲିସଙ୍କୁ ଦେଖି ଶେଖ କସିମ୍ ଓ ତାଙ୍କ ସମ୍ପର୍କୀୟ ଶେଖ ନିଜାମ୍ ଓ ଅନ୍ୟଜଣେ ଗୋରୁ ଓ ଗାଡି ଛାଡ଼ି ଫେରାର ହୋଇ ଯାଇଥିଲେ। ଏ ସଂକ୍ରାନ୍ତରେ ଥାନାରେ କେସ ନଂ ୨୭୩/୨୬ ରେ ଏକ ମାମଲା ରୁ ହୋଇଛି।

ଭି. ସି ମାଧ୍ୟମରେ ମାତୃ ସ୍ୱାସ୍ଥ୍ୟ ଉପରେ ତାଲିମ କାର୍ଯ୍ୟକ୍ରମ

ଜିଲ୍ଲାର ୪ ହଜାରରୁ ଉର୍ଦ୍ଧ୍ୱ କ୍ଷେତ୍ର କର୍ମଚାରୀ ସାମିଲ

କେନ୍ଦ୍ରାପଡ଼ା, ୬।୬ (ଆନିସ): ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ର ମାତୃ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦ୍ରାପଡ଼ାର ମିଳିତ ଆନୁକୂଲ୍ୟରେ ମାତୃ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ବୃହତ୍ ଭର୍ଚୁଆଲ୍ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାର ୧୫୩୬ ଜଣ ଆଶା କର୍ମୀ, ୨୧୪୭ ଜଣ ଅଙ୍ଗନବାଡ଼ି କର୍ମୀ, ସମସ୍ତ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ– ୨୬୯ ଜଣ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ –୧୮୦ ସମେତ ସମେତ ୪୧୩୨ ରୁ ଅଧିକ କ୍ଷେତ୍ର କର୍ମଚାରୀ ଏହି ତାଲିମରେ ଅଂଶଗ୍ରହଣ କରିଥିଲେ।

ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡ଼ା.ନମିତା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଅଭିଭାଷଣରେ ଜିଲ୍ଲାପାଳ ଶ୍ରୀ ଆୟର କହିଥିଲେ ଯେ, ଶିକ୍ଷା ବିଭାଗର ସ୍ମାର୍ଟ କ୍ଲାସ୍ ଭିତ୍ତିଭୂମିକୁ ବ୍ୟବହାର କରି ଏକାସାଙ୍ଗରେ ହଜାର ହଜାର କ୍ଷେତ୍ର କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିବା ଏକ ଅଭିନବ ପଦକ୍ଷେପ। ଏହା ମାଧ୍ୟମରେ ମାତୃ ସ୍ୱାସ୍ଥ୍ୟ ସେବାର ଗୁଣାତ୍ମକ ଉନ୍ନତି, ମାତୃ ମୃତ୍ୟୁ ହାର ହ୍ରାସ ଓ ସମାଜରେ ଲିଙ୍ଗଗତ ସମାନତା ସମ୍ପର୍କରେ ସଚେତନତା ବୃଦ୍ଧି ପାଇବ ବୋଲି ସେ ମତ ପ୍ରକାଶ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ମାତୃ ସ୍ୱାସ୍ଥ୍ୟ) ଡ଼ଃ ମୁରଲୀଧର ପାଢ଼ୀ, କନସଲଟାଣ୍ଟ ସୌମ୍ୟାଶ୍ରୀ ମହାପାତ୍ର ଏବଂ ଡ଼ଃ ଶ୍ରାବଣୀ ଦାସ ମାତୃ ମୃତ୍ୟୁ ରୋକିବା, ଗର୍ଭବତୀ ମହିଳାଙ୍କ ପଞ୍ଜୀକରଣ, ପ୍ରସୂତି ପୂର୍ବ ଓ ପରବର୍ତ୍ତୀ ଯତ୍ନ, ସୁରକ୍ଷିତ ପ୍ରସବ, ପରିବାର ନିୟୋଜନ, ପୁଷ୍ଟିକର ଖାଦ୍ୟ ଓ ଲିଙ୍ଗ ନିରୂପଣ ନିରୋଧ ଆଇନ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ।ଜିଲ୍ଲାପାଳ ଏହି ତାଲିମ ପରେ କ୍ଷେତ୍ର କର୍ମଚାରୀଙ୍କ ଦକ୍ଷତାର ମୂଲ୍ୟାଙ୍କନ କରାଯିବ ବୋଲି ସୂଚନା ଦେଇଥିଲେ। ରାଜ୍ୟସ୍ତରର ଅଧିକାରୀମାନେ କେନ୍ଦ୍ରାପଡ଼ାର ଏହି ଅଭିନବ ଓ ବୃହତ୍ ତାଲିମ ପଦକ୍ଷେପକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ ଓ ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ା ପରିଚାଳନା କରିଥିଲେ ଡେପୁଟି ମ୍ୟାନେଜର ଡ଼ଃ ସୁକାନ୍ତ କୁମାର ପ୍ରଧାନ ତାଲିମ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜିଲ୍ଲା ସ୍ତରରୁ ସମସ୍ତ ନୋଡାଲ ଅଫିସର ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ଷ୍ଟାଫ ଆଦି ତଦାରଖ କରିଥିଲେ ଆଜି ୧୦୦ ରୁ ଉର୍ଦ୍ଧ୍ୱ ସ୍ମାର୍ଟ କ୍ଲାସରେ ତାଲିମ ପ୍ରଦାନ କରାଯାଇଥିଲା ଆଗାମୀ ଜୁନ ୮ ତାରିଖରେ ଶିଶୁ ସ୍ୱାସ୍ଥ୍ୟ (ଶିଶୁ ମୃତ୍ୟୁ ଏବଂ ମୃତ ଶିଶୁ ଜାତ)ଏବଂ ୧୧ ତାରିଖରେ ଅମ୍ଲାନ କାର୍ଯ୍ୟକ୍ରମ ଉପରେ ଭର୍ଚୁଆଲ୍ ମାଧ୍ୟମରେ ତାଲିମ ଦିଆଯିବ ଶେଷରେ ଡିପିଏମ୍ ଡ଼.ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

!!!!!!!!!!!!! ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ !!!!!!!!!!!!!

ବିକାଶ ପ୍ରକ୍ରିୟା ସହ ଡ୍ରେନ ନିର୍ମାଣ ଓ ସଫେଇ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ, ୬।୬ (ଆନିସ): ପଟ୍ଟାମୁଣ୍ଡାଇ ପୌର ପରିଷଦର ପ୍ରତ୍ୟେକ ଜନକଲ୍ୟାଣ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମକୁ ସ୍ୱଚ୍ଛତାର ସହ କାଉନସିଲ ପ୍ରତିନିଧି ଙ୍କ ସହଯୋଗରେ ତ୍ୱରାନ୍ୱିତ କରିବା ସହ ବର୍ଷା ଦିନ ପୂର୍ବରୁ ଜଳ ନିଷ୍କାସନ ସମସ୍ୟା ଦୂର ପାଇଁ ପଟ୍ଟାମୁଣ୍ଡାଇ ସହର ସମେତ ସମସ୍ତ ୱାର୍ଡରେ ଡ୍ରେନ ନିର୍ମାଣ ଓ ଡ୍ରେନ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌର ପରିଷଦର ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ବିଧାୟକ ଶ୍ରୀସାହୁ କହିଲେ ପ୍ରତ୍ୟେକ ସରକାରୀ ଯୋଜନା ବିକାଶମୂଳକ କାର୍ଯ୍ୟକ୍ରମ ସର୍ବୋପରି ଜଳନିଷ୍କାସନ ଓ ଚୁଲା ଗାଇ ଗୋରୁ ହଟାଇବାପ୍ରତି ବିଶେଷ ଦୃଷ୍ଟି ଦେଇ ସମସ୍ତ କାର୍ଯ୍ୟକ୍ରମକୁ ସ୍ୱଚ୍ଛତାର ସହ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ପଟ୍ଟାମୁଣ୍ଡାଇ ପୌରାଧକ୍ଷ ହେମନ୍ତ ସାହୁ ପୌର ପରିଷଦର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ବିଗତ ବୈଠକର ବିବରଣୀ ପାଠ କରିଥିଲେ କାଉନସିଲର ଗୋପୀବଲ୍ଲଭ ନାୟକ ପ୍ରଶାନ୍ତ ବାରିକ ମୃତ୍ୟୁଞ୍ଜୟ ପାଢ଼ୀ ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ଦାସ, ମଧୁସ୍ମିତା ମଲିକ, ସୁଧାମୟ ମଲିକ, ମଳୟ ଓଝା ପ୍ରିୟଙ୍କା ସେଠୀ ବିଦ୍ୟାଧର ସେଠୀ, ସାନିଆ ପରମିନ ସାହେବା,ଝରଣା ବେହେରା, ଲାସ୍ୟମୟୀ ସାହୁ, ସୁବାଷ ମଲିକ, ରୀନାରାଣୀ ମଲିକ ଶ୍ରୀମତୀ ମଲିକ ପ୍ରମୁଖ ଯୋଗ ଦେଇ ନିଜ ନିଜ ୱାର୍ଡର ସମସ୍ୟା ଉତ୍ଥାପନ କରିଥିଲେ ଏହି ବୈଠକରେ ଗତ ୮/୪/ ୨୦୨୬ ସାଧାରଣ ବୈଠକର ବିବରଣୀ ପଠନ ଓ ଦୃଢ଼ୀକରଣ ସହ ଏପ୍ରିଲ .

ମେ ମାସ ଆୟବ୍ୟୟ ହିସାବ ଅନୁମୋଦନ କରାଯାଇଥିଲା ପୌର ପରିଷଦ ଯନ୍ତ୍ରୀ ସୁଶୀଲ ବେହେରା, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ସୁଦାମ ସାହୁ, ଯୋଗାଣ ନିରୀକ୍ଷକ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ ଶେଷରେ ପୌର ପରିଷଦ ଉପା ଧକ୍ଷା ଅନୁପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ ଏହି ବୈଠକକୁ ସରୋଜ ପଣ୍ଡା ତପସ୍ୱିନୀ ଦାଶ ପ୍ରଫୁଲ୍ଲ ଦାଶ ହୃଷିକେଶ ନାଥ, ଗଙ୍ଗାଧର ନାୟକ ଗଣେଶ ଦାସ ଓ ମନୋରଞ୍ଜନ ଦାଶ ପରିଚାଳନା କରିଥିଲେ ଏଇ ଅବସରରେ ପୌର ପରିଷଦ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା ଏହି ଉପଲକ୍ଷେ ବିଧାୟକ ପୌର ଅଧକ୍ଷ ନିର୍ବାହୀ ଅଧିକାରୀ ବିଭିନ୍ନ ବିଭାଗ ଅଧିକାରୀ କାଉନସିଲର ଓ କର୍ମଚାରୀମାନେ ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ

ସୁନ୍ଦରଗଡ଼ ପୌରପାଳିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ:୦୬/୦୬(ଆନିସ): ସୁନ୍ଦରଗଡ ପୌରପାଳିକା କାଉନସିଲ ହଲଠାରେ ଶନିବାର ସକାଳ ୯ ଟା ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ. ଆଇ. ଆର. ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନି ବେହେରା ଏବଂ ଡେପୁଟି କଲେକ୍ଟର ଜ୍ୟୋତି ରଞ୍ଜନ ପ୍ରଧାନ ଉପସ୍ଥିତ ରହି ସମସ୍ତ କାଉନସିଲର ଓ ପୌରପାଳିକା କର୍ମଚାରୀଙ୍କୁ ଏସ.ଆଇ.ଆର. ଉପରେ ସଚେତନ କରିଥିଲେ ଏବଂ ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଯେପରିକି ଏକ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇ ପାରିବ ଏବଂ ସମସ୍ତ ଯୋଗ୍ୟ ଭୋଟର ମାନେ ଯେପରି ତାଲିକାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ତାହା ସୁନିଶ୍ଚିତ କରିବା ଉପରେ ସଚେତନ କରାଇବେ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷା ଶ୍ରୀମତୀ ତନୟା ମିଶ୍ର, ଉପାଧକ୍ଷ ଲଲାଟେନ୍ଦୁ ପରିଡ଼ା, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, କାଉନସିଲର ତଥା ଜିଲ୍ଲା ଯୋଜନା କମିଟି ସଦସ୍ୟ ସୁମନ୍ତ ସାହୁ, କାଉନସିଲର କୈଳାଶ ତନ୍ତୀ,ରମେଶ ସୋରେଙ୍ଗ, ଭାରତୀ ପଟେଲ୍, ମମତା ଖାଲକୋ, ମିନତି ପୁରୋହିତ, ଦୀପାଞ୍ଜଳି ନନ୍ଦ,ଦୁସିଲା ଦଣ୍ଡସେନା, ରଜନୀ ରୋହିଦାସ, ସୁଶୀଳା ନାଗ ପ୍ରମୁଖ ଉପସ୍ଥିତ ଥିଲେ।

ରଜ୍ୟ ସ୍ତରୀୟ ଆଲୋଚନା ଚକ୍ର ପାଇଁ ପ୍ରସ୍ତୁତି ବୈଠକ

ଫୁଲବାଣୀ, ୬।୬ (ଆନିସ): କନ୍ଧମାଳ ଜିଲ୍ଲା ର ସର୍ବ ପୁରାତନ ଜିଲ୍ଲା ସାମ୍ବାଦିକ ସଙ୍ଘ ପକ୍ଷରୁ ଶୁକ୍ରବାର ଫୁଲବାଣୀ ସ୍ଥିତ ବନାନୀ କଳା ସଙ୍ଗମ ର ସମ୍ମିଳନୀ ଗୃହ ରେ ଏକ ସାଧାରଣ ପରିଷଦ ବୈଠକ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଡ ଅରୂପ ଜେନା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା ଏଥିରେ ବରିଷ୍ଠ ସାମ୍ବାଦିକ ତଥା କାର୍ଯ୍ୟ କାରୀ ସଭାପତି ସୁନୀଲ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ତଥା ଉପସଭାପତି ସନ୍ତୋଷ ଦିଗାଲ, ବରିଷ୍ଠ ସାମ୍ବାଦିକ ନାରାୟଣ ସାହୁ,ଉପସଭାପତି ପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇ ସରକାର ଙ୍କ ନିୟମ ଅନୁସାରେ ସଂଘ ର ପୁନଃ ପଞ୍ଜିକରଣ କରାଯିବା ପାଇଁ ମତ ରଖିବା ପରେ ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥଲା ସେହିପରି ଆଗାମୀ ଜୁଲାଇ ଦ୍ୱିତୀୟ ସପ୍ତାହ ରେ ଫୁଲବାଣୀ ଠାରେ ବାର୍ଷିକ ଉତ୍ସବ ଓ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ କଳିଙ୍ଗ ପେଶାଦାର ସାମ୍ବାଦିକ ସଙ୍ଘ କାର୍ଯ୍ୟ କାରୀ ବୈଠକ ଆଦି ଅୟୋଜନ କରିବା ପାଇଁ ସର୍ବସମ୍ମତି କ୍ରମେ ଚୁଡାନ୍ତ କରାଯାଇ ଏହାର ସଫଳ ଆୟୋଜନ ପାଇଁ ସଦସ୍ୟ ମାନଙ୍କୁ ନେଇ ବିଭିନ୍ନ କମିଟି ମାନ ଗଠନ କରଯାଇଥିଲା ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ତଥା ସମ୍ପାଦକ ପ୍ରମୋଦ ଦଣ୍ଡସେନା, ସଙ୍ଗଠନ ସମ୍ପାଦକ ଜୟସେନ ପରିଡ଼ା, ଶ୍ରାବଣ ଦିଗାଲ, ବିକାଶ ଦିଗାଲ, ମୋନୋଜ୍ ବେହେରା, ମୁସ୍କନ୍ ସୁଆର, ପ୍ରଭାତ ନନ୍ଦ, ଶିବ ପ୍ରସାଦ ବିଶ୍ୱାଳ, ବ୍ରଜ ମୋହନ ନାୟକ, ପ୍ରମୁଖ ସଂଘର ସମସ୍ତ କାର୍ଯ୍ୟ କ୍ରମରେ ନିଷ୍ଠା ଓ ଆନ୍ତରିକତା ର ସହ ସଙ୍ଘୀୟ ମନୋଭାବ ରଖି କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ

ପ୍ରଧାନ ଶିକ୍ଷକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ବିଂଝାରପୁର ୬।୬ (ଆନିସ) :ବିଶ୍ୱ ପରିବେଶ ଦିବସ ଅବସରରେ ଜିଲ୍ଲା ପରିବେଶ ସମିତି ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ବିଂଝାରପୁର ବ୍ଲକ ର ପୁରାତନ ଶିକ୍ଷାନୁଷ୍ଠାନ ସତ୍ୟଭାମା ଗଣେଶ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟକୁ ''ପ୍ରକୃତି ବନ୍ଧୁ '' ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ଇକୋ କ୍ଲବ୍‌ର ଦାୟିତ୍ୱପ୍ରାପ୍ତ ତଥା ବରିଷ୍ଠ ଶିକ୍ଷକ ଶ୍ରୀ ସମରେନ୍ଦ୍ର ମାଝୀ ଙ୍କ ଦୀର୍ଘଦିନର ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ସଚେତନତା କାର୍ଯ୍ୟକ୍ରମ ପ୍ରତି ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଜଗନ୍ନାଥ ବେହେରା ଙ୍କୁ ମାନପତ୍ର ସହିତ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ଯୁକ୍ତ ବେହେରା ମହୋଦୟ କହିଥିଲେ ଯେ, ଏହି ପୁରସ୍କାର ରାଶିକୁ ବିଦ୍ୟାଳୟ ପରିସରକୁ ଅଧିକ ସବୁଜ ଓ ସୁନ୍ଦର କରିବା ଦିଗରେ ବିନିଯୋଗ କରାଯିବ। ଏହି ଅବସରରେ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ଉତ୍ସବ ଆୟୋଜିତ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଅଧିକାରୀ ଶ୍ରୀ ମଦନ ମୋହନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ଉଦ୍ଘାଟନ କରିଥିଲେ। ଏହି ସମ୍ମାନ ସତ୍ୟଭାମା ଗଣେଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପରିବେଶ ସୁରକ୍ଷା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ ଏବଂ ସମାଜରେ ସଚେତନତା ସୃଷ୍ଟି ପାଇଁ ଏକ ଗୌରବମୟ ସ୍ୱୀକୃତି ବୋଲି ସ୍ଥାନୀୟ ଶିକ୍ଷାବିତ୍ ଓ ପରିବେଶ ପ୍ରେମୀମାନେ ମତ ପ୍ରକାଶ କରିଛନ୍ତି।

ଓଡ଼ଗାଁ ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ

ଓଡ଼ଗାଁ, ୬।୬ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀ ରଘୁନାଥ ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ ଓଡ଼ଗାଁ କଲେଜ ରୋଡ ହ୍ୱାଇଟ ହାଉସ ଠାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭଗବାନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ବାର୍ଷିକ ସମ୍ମିଳନୀରେ ପ୍ରାୟ ୪୦ ବ୍ରାହ୍ମଣ ପରିବାରର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସମ୍ପାଦକ ସୁରେନ୍ଦ୍ରନାଥ ମିଶ୍ର ବାର୍ଷିକ ଆୟବ୍ୟୟ ଉପସ୍ଥାପିତ କରିବା ପରେ ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ମିଶ୍ର ସଭାରେ ବ୍ରାହ୍ମଣ ସମାଜ ଦ୍ୱାରା ଗତ ନୃସିଂହ ଚତୁର୍ଦ୍ଦଶୀରେ ଓଡ଼ଗାଁ ହେମମାଳି ଠାକୁରାଣୀ ମନ୍ଦିର ପରିସରରେ କରାଯାଇଥିବା ବିଷ୍ଣୁ ସହସ୍ରନାମ ସମୂହ ପାଠ ଆଧାରରେ ବ୍ରାହ୍ମଣ ସମାଜର ଏକତା, ସଂସ୍କାର ପୂର୍ଣ୍ଣ ଚଳଣି ତଥା ବୈଦିକ ସାମାଜିକ କର୍ମ ଉପରେ ଅଧିକ ଗୁରୁତ୍ୱ ଦେବାପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସହ ସମ୍ପାଦକ ଗୋଦାବାରୀ ଷଡଙ୍ଗୀ, କୋଷାଧକ୍ଷ ଜଳନ୍ଧର ରଥ, ବରିଷ୍ଠ ବ୍ରାହ୍ମଣ ସଭ୍ୟ ଅଖିଳ ମିଶ୍ର, ଶିବାରମ ଷଡଙ୍ଗୀ, ବୈକୁଣ୍ଠ ବିହାରୀ ମିଶ୍ର, ଇନ୍ଦୁ

ରାୟଗଡ଼ା ଜିଲ୍ଲା ଇଞ୍ଚା ଥେରୁବାଲି ରେ ସପ୍ତାହ ବ୍ୟାପି ବିଶ୍ୱ ପରିବେଶ ଦିବସ ପାଳିତ

ରାୟଗଡ଼ା,୬।୬ (ଆନିସ): ପ୍ରକୃତିରୁ ପ୍ରେରଣା, ଜଳବାୟୁ ଓ ଆମର ଭବିଷ୍ୟତ ବାର୍ତ୍ତା କୁ ଆଧାର କରି ଇଞ୍ଚା କାରଖାନା ପକ୍ଷରୁ ବିଶ୍ୱ ପରିବେଶ ଦିବସ-୨୦୨୬ ଅବସରରେ ପରିବେଶ ସଚେତନତା ଓ ସଂରକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଇଞ୍ଚା କାରଖାନା ର ୟୁନିଟ୍ ମୁଖ୍ୟ ତଥା ଇ.ଆଇ.ସି ଶ୍ରୀ ଜି. ଭି. ରାକେଶଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିବା ବେଳେ ରାୟଗଡା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଉପ ପରିବେଶ ଯନ୍ତ୍ରୀ ଶ୍ରୀ ରିପୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜ ଅଭିଭାଷଣରେ ଶ୍ରୀ ସାହୁ ଇଞ୍ଚା ର ଉତ୍କୃଷ୍ଟ ପରିବେଶ ଅନୁପାଳନ ଓ ସ୍ଥାୟୀ ବିକାଶମୂଳକ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ଗତ ଦୁଇ ବର୍ଷ ମଧ୍ୟରେ ତାଙ୍କର ବିଭିନ୍ନ ପରିଦର୍ଶନ ସମୟରେ କୌଣସି ନକାରାତ୍ମକ ପରିବେଶଗତ ଅବଲୋକନ ନଥିବା କଥା ଉଲ୍ଲେଖ କରି, କମ୍ପାନୀର ୨୫୦ କେଏଲଡି ଏସଟିପି, ଶୂନ୍ୟ ଜଳ ଅପଚୟ ନୀତି ଓ ଜଳ ସଂରକ୍ଷଣ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସେ ଛାତ ଉପରେ ବର୍ଷାଜଳ ସଂରକ୍ଷଣ, ଜଳ ଓ ବିଦ୍ୟୁତ ସଞ୍ଚୟ ଏବଂ ଇନ୍ଧନ ବ୍ୟବହାର ହ୍ରାସ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଶ୍ରୀ ଜି. ଭି. ରାକେଶ ଇଞ୍ଚା ର ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ମୁକାବିଲା ପ୍ରତି ଦୃଢ଼ ପ୍ରତିବଦ୍ଧତା ବିଷୟରେ ଆଲୋକପାତ କରିଥିଲେ। ସେ କମ୍ପାନୀର ସମ୍ପ୍ରତି ଆରମ୍ଭ ହୋଇଥିବା ୧୩୫ ମେଗାୱାଟ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପ ବିଷୟରେ ସୂଚନା ଦେଇ କହିଥିଲେ ଯେ, ଏହା କୋଇଲା ଆଧାରିତ ବିଦ୍ୟୁତ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବ। ସେ ବୃକ୍ଷରୋପଣ ଓ ଜନସହଭାଗିତାକୁ ପରିବେଶ ସୁରକ୍ଷାର ମୂଳ ଆଧାର ବୋଲି ବର୍ଣ୍ଣନା କରିଥିଲେ।

ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଡିପି କ୍ୟାମ୍ପ ମାର୍କେଟ ସମେତ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ, ଫଳଜ ଚାରା ବଣ୍ଟନ, ଗୋପବନ୍ଧୁ ନଗର କଲୋନୀ ଓ ବଜାର ଅଞ୍ଚଳରେ ସଚେତନତା ରାଲି, ପରିବେଶ ବିଷୟକ କୁଇଜ୍ ପ୍ରତିଯୋଗିତା ଏବଂ ପରିବେଶ ସୁରକ୍ଷା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସମଗ୍ର କାର୍ଯ୍ୟକ୍ରମକୁ ଶ୍ରୀମତୀ ସୋନିଆ ପୁରୋହିତ, ବରିଷ୍ଠ ଅଧିକାରିଣୀ (ପରିବେଶ ଓ କ୍ୱାଲିଟି କଣ୍ଟ୍ରୋଲ୍) ଏବଂ ଶ୍ରୀ ଦେବାଶିଷ ମିଶ୍ର, ଅଧିକାରୀ (କ୍ୱାଲିଟି କଣ୍ଟ୍ରୋଲ୍) ସଫଳତାର ସହ ସଂଯୋଜନା କରିଥିଲେ। ଉପ ମହାପ୍ରବନ୍ଧକ – ମାନବ ସମ୍ବଳ ଓ ପ୍ରଶାସନ ଶ୍ରୀ କ୍ଷିତିଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀମାନଙ୍କ ଦ୍ୱାରା ପରିବେଶ ସଚେତନତା ଭିତ୍ତିକ ଏକ ନାଟିକା ପରିବେଷଣ କରାଯାଇଥିଲା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ଏହାର ସମାପନ ହୋଇଥିଲା। ଏହି କାର୍ଯ୍ୟକ୍ରମ ଇଞ୍ଚା ପରିବେଶ ସୁରକ୍ଷା, ସମୁଦାୟ ସହଭାଗିତା ଏବଂ ଦାୟିତ୍ୱବାନ ଶିଳ୍ପ ବିକାଶ ପ୍ରତି ଦୃଢ଼ ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ନିଦର୍ଶନ ପ୍ରଦାନ କରାଯାଇଥିଲା ।

ବିଧାୟକଙ୍କ ନେତୃତ୍ୱରେ ବିଶାଳ ରକ୍ତଦାନ ଶିବିର

୩୫୦ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ

କୁକୁଡାଖଣ୍ଡି,୬।୬ (ଆନିସ): ଗ୍ରୀଷ୍ମ ଋତୁରେ ରକ୍ତର ଅଭାବ ଦୂର କରିବା ଉଦ୍ଦେଶ୍ୟରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ବଉଳଝୋଳି ସ୍ଥିତ ଫାର୍ମ ହାଉସ ପରିସରରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୫୦ ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି।ଓଡ଼ିଶା ସମେତ ବ୍ରହ୍ମପୁର ରକ୍ତଭଣ୍ଡାରରେ ଦେଖାଦେଇଥିବା ରକ୍ତ ସଂକଟକୁ ଦୃଷ୍ଟିରେ ରଖି ଏହି ମହତ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସମାଜସେବୀ ଓ ଯୁବନେତା ଶିବରାମ ପ୍ରଧାନ ଶିବିରକୁ ସୁଚାରୁରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ପିତା ତଥା ବିଶିଷ୍ଟ ସମାଜସେବୀ ଅରକ୍ଷିତ ଜେନା, ସିହଳା ସରପଞ୍ଚ ଗୌରୀ ଗୌଡ଼, ବଛପଲ୍ଲୀ ସରପଞ୍ଚ କାମିନୀ ନାୟକ ଓ ଅବନୀ ଶତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶିବିରର ଉଦ୍ଘାଟନ କରିଥିଲେ।ଏହି ଅବସରରେ ଅତିଥିମାନେ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ସାଧାରଣ ଲୋକଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆହ୍ୱାନ ଦେଇଥିଲେ। ରକ୍ତଦାନ ମାଧ୍ୟମରେ ଅନେକ ମୂଲ୍ୟବାନ ଜୀବନ ବଞ୍ଚାଯାଇପାରିବ ବୋଲି ସେମାନେ କହିଥିଲେ।ଶିବିରରେ ବିଧାୟକ ରମେଶ ଚନ୍ଦ୍ର ଜେନା ଙ୍କ ସମର୍ଥକ, ଯୁବକ, ଛାତ୍ରଛାତ୍ରୀ ଓ ମହିଳାମାନେ ବହୁ ସଂଖ୍ୟାରେ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

ରକ୍ତଦାତାଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସମାଜର କଲ୍ୟାଣ ଓ ମାନବ ସେବା ପାଇଁ ଏଭଳି କାର୍ଯ୍ୟକ୍ରମରେ ସାମିଲ ହେବା ଗର୍ବର ବିଷୟ ବୋଲି ଅନେକ ଯୁବକ ମତ ପ୍ରକାଶ କରିଥିଲେ।ବିଧାୟକ ଶ୍ରୀ ଜେନା କହିଥିଲେ ଯେ, ରକ୍ତର ଆବଶ୍ୟକତା କେବେ ବି ପଡ଼ିପାରେ। ତେଣୁ ସୁସ୍ଥ ବ୍ୟକ୍ତିମାନେ ନିୟମିତ ରକ୍ତଦାନ କରିବା ଉଚିତ। ରକ୍ତଦାନ ଏକ ମହାନ ଦାନ ହୋଇଥିବାବେଳେ ଏହା ମାଧ୍ୟମରେ ଅନ୍ୟର ଜୀବନ ରକ୍ଷା କରାଯାଇପାରେ ବୋଲି ସେ କହିଥିଲେ।ବ୍ରହ୍ମପୁର ରକ୍ତଭଣ୍ଡାରର ଡାକ୍ତର ଓ କର୍ମଚାରୀମାନଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା। ଶେଷରେ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। ଏହି ମହତ୍ କାର୍ଯ୍ୟକ୍ରମକୁ ବିଧାୟକ ଶ୍ରୀ ଜେନା ଙ୍କୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଶଂସା କରାଯାଇଛି।

ପୁରୀରୁ ଗାଁକୁ ଫେରୁଥିବା ବେଳେ ଦୁର୍ଘଟଣା: ୯ ଜଣ ଆହତ, ଜଣେ ଗୁରୁତର

ପୋଲସରା,୬।୬ (ଆନିସ): ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ପୁରୀ ରୁ ଏକ ଘରୋଇ ବୁଲେରୋ ଗାଡ଼ିରେ ନିଜ ଗାଁ ବଣପଲ୍ଲୀ କୁ ଫେରୁଥିବା ବେଳେ ଗଂଜାମ ଜିଲ୍ଲା ପୋଲସରା ଥାନା ମଥୁରାରେ ନିକଟରେ ଦୁର୍ଘଟଣା ଘଟି ୯ ଜଣ ଯାତ୍ରୀ ଆହାତ ହୋଇଥିବା ବେଳେ ଜଣେ ଗୁରୁତର ଥିବା ସୂଚନା ମିଳିଛି । ଆହତକାରୀ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ଜାଲଖାଇ ଗ୍ରାମର ଡ୍ରାଇଭର ପବିତ୍ର ମୋହନ ନାୟକ (୪୦), ଯାତ୍ରାଶୁଣି ଗ୍ରାମର ଝରଣା ଗୌଡ଼ (୨୨),କୁମାରୀ ଗୌଡ଼ (୬୦), ବଣପଲ୍ଲୀ ଗ୍ରାମର ବିଶ୍ୱଜିତ ଗୌଡ଼ (୧୨),ବାଲୁୀକି ଗୌଡ଼(୪୯),ପି.ଲକ୍ଷ୍ମୀ ଗୌଡ଼ (୧୬),ସରସ୍ୱତୀ ଗୌଡ଼ (୨୪), ଆକାଶ ଗୌଡ଼ (୮), ସ୍ନେହଲତା ଗୌଡ଼ (୪୦) ଓ ପୋଲସରା ଥାନା ମଥୁରା ଗ୍ରାମର ଦହିନୀ ନାହାକ ଅଟନ୍ତି। ଏଭଳି ଦୁର୍ଘଟଣା ପରେ ସମସ୍ତ ଆହତ କାରୀଙ୍କୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟ ଏବଂ ସହଯୋଗରେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣାଯାଇ ଚିକିତ୍ସା କରାଯାଇଥିଲା । ପରେ ଘଟଣା ସ୍ଥଳରୁ ପୋଲସରା ପୋଲିସ ପହଞ୍ଚି ତଦନ୍ତ କରୁଥିବା ଦେଖିବାକୁ ମିଳିଛି ।

ରାଜେନ୍ଦ୍ର ପ୍ରସାଦ ମହାରଣା ଓ ଗୌରୀ ଶଙ୍କର ମିଶ୍ରଙ୍କୁ ମିଳିଲା ପ୍ରକୃତି ବନ୍ଧୁ ପୁରସ୍କାର ୨୦୨୫-୨୬

ପୋଲସରା/ବୁଗୁଡ଼ା, ୬।୬ (ଆନିସ): ଗଞ୍ଜାମ ଜିଲ୍ଲା ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ୦୫/୬/୨୬ ତାରିଖ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ୨୦୨୫-୨୬ ବର୍ଷ ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ବ୍ରହ୍ମପୁର ସହରର କୋର୍ଟପେଟା ଛକରେ ଥିବା ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ଗଞ୍ଜାମ ଜିଲ୍ଲା ଜଙ୍ଗଲ ପରିବେଶ ସମିତି ସମ୍ପାଦକ ତଥା ବ୍ରହ୍ମପୁର ଡିଏଫଓ ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲ୍ଲାରେ ମୋଟ ୨୧ ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଥିବା ବେଳେ ପୋଲସରା ବନାଞ୍ଚଳରୁ ପୋଲସରା ସହରର ଦେଉଳ ପେଢ଼ି ସାହିର ରାଜେନ୍ଦ୍ର ପ୍ରସାଦ ମହାରଣା ବ୍ରହ୍ମପୁରରୁ ପ୍ରକୃତି ବନ୍ଧୁ ପୁରସ୍କାର ପାଇ ଦଶ ହଜାର ଟଙ୍କାର ଏକ ଚେକ୍? ଓ ମାନପତ୍ର ଗ୍ରହଣ କରିଥିଲେ। ସେହିପରି ବୁଗୁଡ଼ା ବନାଞ୍ଚଳ ର ବୁଗୁଡ଼ା ସହର ମହାରଣା ସାହିର ଗୌରୀ ଶଙ୍କର ମିଶ୍ର ମଧ୍ୟ ପ୍ରକୃତି ବନ୍ଧୁ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ସେ ବାହାର ରାଜ୍ୟକୁ ଯାଇଥିବା ଯୋଗୁଁ ଉତ୍ସବରେ ଯୋଗଦେଇପାରିନାହାଁନ୍ତି।

ମୋଟାବାଡି ଶ୍ରୀ ଗୋପୀନାଥ ବିଦ୍ୟାପୀଠକୁ ପ୍ରକୃତି ମିତ୍ର ପୁରସ୍କାର

ବୁଗୁଡ଼ା,୬।୬ (ଆନିସ): ବୃଦ୍ଧି ପାଉଥିବା ପ୍ରଦୂଷଣ, ଜଙ୍ଗଲ ନଷ୍ଟ ଏବଂ ଜଳବାୟୁ ପରିବର୍ତ୍ତନ ମାନବ ସମାଜ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେଣୁ ପରିବେଶର ସନ୍ତୁଳନ ରକ୍ଷା ପାଇଁ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଭୂମିକା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅଧିନସ୍ଥ ମୋଟାବାଡି ଶ୍ରୀ ଗୋପୀନାଥ ବିଦ୍ୟାପୀଠ ଦ୍ୱାରା ବିଭିନ୍ନ ସମୟରେ ବିଦ୍ୟାଳୟ ତାରଫରୁ ଗଛ ଲଗାଇବା ବହୁ କାର୍ଯ୍ୟକ୍ରମ ହାତକୁ ନେଇଥାଏ ।ଯଦ୍ୱାରା କି ବ୍ରହ୍ମପୁର ସ୍ଥିତ ଡି ଏଫ୍ ଓ କାର୍ଯ୍ୟାଳୟ ଠାରେ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡ଼ି ସ୍ଥିତ ଶ୍ରୀ ଗୋପୀନାଥ ବିଦ୍ୟାପୀଠ କୁ ପକୃତି ମିତ୍ର ପୁରସ୍କାର ସହ କୋଡ଼ିଏ ହଜାର ଟଙ୍କାର ଏକ ଚେକ୍ ସହିତ ମାନପତ୍ର ପ୍ରଦାନ କରାଯାଇଛି।ଏହି ପୁରସ୍କାର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଉମାକାନ୍ତ ଦାସ ବ୍ରହ୍ମପୁର ଡ଼ି.ଏଫ.ଓ.ଙ୍କ ଠାରୁ ଗ୍ରହଣ କରିଛନ୍ତି।ଏହି ପୁରସ୍କାର ପାଇଥିବା ଯୋଗୁଁ ବୁଗୁଡ଼ା ବନ ବିଭାଗ କର୍ମ ଚାରୀ ମାନଙ୍କୁ ଅନୁଷ୍ଠାନ ତରଫରୁ ଧନ୍ୟବାଦ ପ୍ରଦାନ କରାଯାଇଥିବା ବେଳେ ପରିବେଶ ପ୍ରେମୀ ତଥା ସମାଜସେବୀ ଗୋପାଳ ପାତ୍ରଙ୍କ ସହଯୋଗ କରିଥିବା ଯୋଗୁଁ ତାଙ୍କୁ ଅନୁଷ୍ଠାନ ତରଫରୁ ମଧ୍ୟ ଧନ୍ୟବାଦ ପ୍ରଦାନ କରାଯାଇଛି।ଏବଂ ପରିବେଶ ପ୍ରେମୀ ବିଦେଶୀ ସାହୁ ଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ଧନ୍ୟବାଦ ପ୍ରଦାନ କରାଇଛି।ଏଥି ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ମାନଙ୍କ ସହିତ ସମସ୍ତ କର୍ମଚାରୀ ମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ମିଳିତ ପ୍ରୟାସ ରେ ଅନୁଷ୍ଠାନ ପ୍ରକୃତି ମିତ୍ର ପୁରସ୍କାର ପାଇବା ପାଇଁ ସଫଳ ହୋଇ ପାରିଛି ବୋଲି କହିଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ।ଏଥି ସହିତ ଏହି ବିଦ୍ୟାଳୟକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭୁରି ଭୁରି ପ୍ରଶଂସା ହେଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି।

ଅନଲାଇନରେ ଟ୍ରେନ ରହଣି ସମୟ ଉପଲବ୍ଧ ନ ହେବାରୁ ଯାତ୍ରୀ ହନ୍ତସନ୍ତ

ମୁନିଗୁଡ଼ା,୬୬(ଆନିସ) ଭବାନୀପାଟଣାରୁ ବିଶାଖାପାଟଣା ଯାଉଥିବା ପାସେଞ୍ଜର ଟ୍ରେନର ବିଭିନ୍ନ ଷ୍ଟେସନରେ ରହଣି ସମୟ ଅନଲାଇନ ପ୍ଲାଟଫର୍ମରେ ପ୍ରଦର୍ଶିତ ନ ହେବାରୁ ଯାତ୍ରୀମାନେ ଭ୍ରମରେ ପଡ଼ୁଥିବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଯାତ୍ରୀମାନେ ସାଧାରଣତଃ ଅନଲାଇନ ମାଧ୍ୟମରେ ଟ୍ରେନର ଚଳାଚଳ ସ୍ଥିତି ଓ ଷ୍ଟେସନରେ ପହଞ୍ଚିବା ସମୟ ଯାଞ୍ଚ କରି ଯାତ୍ରା ଯୋଜନା କରିଥାନ୍ତି। ମାତ୍ର ଭବାନୀପାଟଣା–ବିଶାଖାପାଟଣା ପାସେଞ୍ଜର ଟ୍ରେନର କେତେକ ଷ୍ଟେସନରେ ରହଣି ସମୟ ଅନଲାଇନରେ ସଠିକ ଭାବେ ପ୍ରଦର୍ଶିତ ନହେବାରୁ ଯାତ୍ରୀମାନେ ଟ୍ରେନର ପ୍ରକୃତ ସ୍ଥିତି ସମ୍ପର୍କରେ ଅବଗତ ହୋଇପାରୁ ନାହାନ୍ତି।ଫଳରେ ଅନେକ ଯାତ୍ରୀ ଅନଲାଇନ ସୂଚନା ଉପରେ ନିର୍ଭର କରି ଷ୍ଟେସନରେ ପହଞ୍ଚିବା ବେଳକୁ ଟ୍ରେନ ଛାଡ଼ି ଯାଇଥିବାରୁ ଟ୍ରେନ ଫେଲ୍? ହେଉଛନ୍ତି। ବିଶେଷକରି ଦୈନିକ ଯାତ୍ରୀ, ଛାତ୍ରଛାତ୍ରୀ ଓ ଚାକିରିଆମାନେ ଏଥିପାଇଁ ଅଧିକ ହଇରାଣ ହେଉଛନ୍ତି। ରେଳ ବିଭାଗ ପକ୍ଷରୁ ଏହି ତ୍ରୁଟିକୁ ତୁରନ୍ତ ସୁଧାରି ସମସ୍ତ ଷ୍ଟେସନର ରହଣି ସମୟ ଅନଲାଇନରେ ସଠିକ ଭାବେ ପ୍ରଦର୍ଶନ କରିବାକୁ ଯାତ୍ରୀମାନେ ଦାବି କରିଛନ୍ତି।

ପାରଳାଖେମୁଣ୍ଡି ବିଦ୍ୟୁତ୍? ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ବଜ୍ରାଘାତରେ ପୋଡି ଯାଇଥିବା ଟ୍ରାନ୍ସଫର୍ମରକୁ ବଦଳା ଗଲା

ପାରଳାଖେମୁଣ୍ଡି,୬।୬ (ଆନିସ): ଗଜପତି ଜିଲ୍ଲାରେ କାଳବୈଶାଖୀଜନିତ ବଜ୍ରାଘାତରେ ଟ୍ରାନ୍ସଫର୍ମର ପୋଡ଼ିଯିବା ଘଟଣାରେ ବିଦ୍ୟୁତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସାହୁଙ୍କ ହସ୍ତକ୍ଷେପ ଯୋଗୁଁ ନୂତନ ଟ୍ରାନ୍ସଫମର ଲାଗିବା ସହ ଲୋକଙ୍କ ଦୁଃଖ ଦୂର ହୋଇଥିବା ସୂଚନା ମିଳିଛି. ଘଟଣାରୁ ପ୍ରକାଶ, କାଳବୈଶାଖୀଜନିତ ବଜ୍ରାଘାତରେ ଟ୍ରାନ୍ସଫର୍ମର ପୋଡ଼ିଯିବା ଫଳରେ ଗତ ୧୮ ଦିନ ହେଲା ଗଜପତି ଜିଲ୍ଲାର ଆର. ଉଦୟଗିରି ବ୍ଲକ ସନ୍ଧିସାହି ଗ୍ରାମରେ ବିଦ୍ୟୁତ ସରବରାହ ସମ୍ପୂର୍ଣ ରୂପେ ବନ୍ଦ ରହିଥିଲା. ବର୍ତ୍ତମାନର ପ୍ରଚଣ୍ଡ ରୌଦ୍ରତାପଜନିତ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅସହ୍ୟ ଗରମ ଓ ଗୁଳିଗୁଜି ସମୟରେ ଟ୍ରାନ୍ସଫମର ପୋଡିଯିବା କାରଣରୁ ବିଦ୍ୟୁତ ସରବରାହ ସମ୍ପୂର୍ଣ ବନ୍ଦ ରହିବା ଯୋଗୁଁ ସିନ୍ଧି ସାହି ଗ୍ରାମବାସୀ ବିନା ବିଦ୍ୟୁତରେ ବହୁ ଦୁଃଖ କଷ୍ଟ ପାଉଥିଲେ. ସମ୍ପୃକ୍ତ ଘଟଣା ପାରଳାଖେମୁଣ୍ଡି ଠାରେ ଥିବା ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସାହୁ ଜାଣିବା ପରେ ତୁରନ୍ତ ଟ୍ରାନ୍ସଫର୍ମର ଲଗେଇବା ପାଇଁ ନିର୍ଦେଶ ଦେଇଥିଲେ. ଆଜି ସିନ୍ଧି ସାହି ଗ୍ରାମରେ ନୂତନ ଟ୍ରାନ୍ସଫର୍ମର ଲଗାଯାଇ ବିଦ୍ୟୁତ ସରବରାହ ଆରମ୍ଭ ହୋଇଯାଇଛି. ବିଦ୍ୟୁତ ସରବରାହ ଆରମ୍ଭ ହେବା ପରେ ଗ୍ରାମବାସୀଙ୍କ ଠାରେ ଆନନ୍ଦ ପ୍ରକାଶ ପାଇଛି ।

ପାଞ୍ଚଆମ୍ବ ଗ୍ରାମରୁ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କଲା ବନବିଭାଗ।

ପାତ୍ରପୁର,୬।୬ (ଆନିସ): ବ୍ରହ୍ମପୁର ବନଖଣ୍ଡ ସାମନ୍ତିଆପଲ୍ଲୀ ବନାଞ୍ଚଳ ଅନ୍ତର୍ଗତ ପାଞ୍ଚଆମ୍ବ ଗ୍ରାମରୁ ଶନିବାର ଭୋର ସକାଳ ସମୟରେ ଏକ ବଜ୍ରକାପ୍ତା ଉଦ୍ଧାର କରିଛି ବନବିଭାଗ। ସୂଚନା ଅନୁସାରେ ଶନିବାର ଭୋର୍ ସମୟରେ ପାଞ୍ଚଆମ୍ବ ଗ୍ରାମର ସରସ୍ୱତୀ ପ୍ରଧାନଙ୍କ ଘରେ ଏକ ବଜ୍ରକାପ୍ତା ପଶିଯାଇଥିଲା । କିନ୍ତୁ ଉକ୍ତ ମହିଳା ଜଣକ କୌଣସି ଏକ ଅଜଣା ଜନ୍ତୁ ଭାବି ଭୟଭୀତ ହୋଇ କବାଟ ଦେଇ ଗ୍ରାମର କିଛି ଲୋକଙ୍କୁ ଡାକି କହିଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଘରେ ପଶିଥିବା ଜନ୍ତୁଟି ବଜ୍ରକାପ୍ତା ବୋଲି ଚିହ୍ନଟ କରିବା ପରେ ତୁରନ୍ତ ସାମନ୍ତିଆପଲ୍ଲୀ ବନବିଭାଗକୁ ଖବର ଦେଇଥିଲେ । ସାମନ୍ତିଆପଲ୍ଲୀ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଜୀବନ୍ତ ବଜ୍ରକାପ୍ତାକୁ ସୁରକ୍ଷିତ ଭାବେ ଉଦ୍ଧାର କରି ସାମନ୍ତିଆପଲ୍ଲୀ ବନାଞ୍ଚଳ କାର୍ଯ୍ୟାଳୟକୁ ନେଇଥିବା ଜଣାପଡିଛି । ତେବେ ଏନେଇ ବନପାଳ ଅଭିନାସ ଚୌଧୁରୀଙ୍କ ସହ ଯୋଗାଯୋଗ କରିବାରୁ ପାଞ୍ଚଆମ୍ବ ଗ୍ରାମରୁ ଭୋର ସକାଳ ସମୟରେ ମଧ୍ୟମ ଧରଣର ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଥିବା ପ୍ରକାଶ କରିଛନ୍ତି। ଏଭଳି ବନ୍ୟଜନ୍ତୁ ଗ୍ରାମାଭିମୁଖି ହେଲେ ବନ ବିଭାଗ କୁ ଖବର ଦେବା ଅତି ଉତ୍ତମ କାର୍ଯ୍ୟ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

ରାଜ୍ୟପାଳଙ୍କ ମହେନ୍ଦ୍ରଗିରି ଗସ୍ତ ନେଇ ଗଜପତି ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି

ପାରଳାଖେମୁଣ୍ଡି,୬।୬ (ଆନିସ): ପୁରାଣ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରିରେ ଆରମ୍ଭ ହୋଇଥିବା ମହେନ୍ଦ୍ରମେଳାରେ ଯୋଗଦେବା ପାଇଁ ଆସନ୍ତା ୮ତାରିଖରେ ରାଜ୍ୟପାଳ ହରିବାବୁ କୁମ୍ଭମପତି ଆସିବା ସ୍ଥିର ହୋଇଛି । ରାଜ୍ୟପାଳଙ୍କ ଏହି ଗସ୍ତକୁ ନଜରରେ ରଖି ଗଜପତି ଜିଲା ପ୍ରଶାସନ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। ଏନେଇ ପାରଳାଖେମୁଣ୍ଡି ସ୍ଥିତ ଗଜ

(କେତୋଟି ଏକପଦୀ)

(ଥୋଉ)
ବାଇଗଣ ଗଛେ କଖାରୁ ଫଳିଛି
କଖାରୁ ଗଛରେ ଓଉ
କେବେ ଛ ତିଅଣ ନ ଭଜା କରୁ
କେବେ ମୋ ପିଠିରେ ଥୋଉ ।

(ଭରସା)
ଜୀବନର ଶେଷ ସନ୍ଧ୍ୟାଟି ଯେବେ
ହୋଇଯିବ ଉପନୀତ
ବିଶ୍ୱାସ ରହିଛି ତୁମେ ପ୍ରିୟତମା
ନିଶ୍ଚେ ଥିବ ଉପସ୍ଥିତ ।

(ହୀନିମାନ)
ଅଙ୍କାବଙ୍କା ଏହି ସରୁ ପଥଧାରେ
କେତେକେତେ ପାଦ ଚିହ୍ନ
ଚିହ୍ନା ହୋଇଥିଲୁ ଅଚିହ୍ନା ହୋଇଲୁ
କରିଦେଲୁ ହୀନିମାନ ।

(ଗେଫା)
ଡାହାଣିଆ ଖରା ବୁଲି ଯାଉଛି ଲୋ
ଦିଗ ଦିଶେ ଭାରି ତୋଫା
ସବୁବେଳେ ଚାହୁଁ ମାରିବା ପାଇଁକି
ପର ପଇସାରେ ଗେଫା ।

(ମନଲୋଭା)
ଧାଡ଼ିଧାଡ଼ି କରି ଚାଳଘର ନେଇ
ଗାଆଁଦାଣ୍ଡ ଦିଶେ ଶୋଭା
ଚାରିଟା ଛୁଆର ମାଆ ହେଲୁଣି ଲୋ
ତଥାପି ତୁ ମନଲୋଭା ।

(ଲବି)
ନିଜକୁ ନିଜେ ମୁଁ ବୁଝାଇ ପାରୁନି
ତୋତେ କି ବୁଝାଇ ଦେବି
କେତେକାଳ ଆଉ ତୋ ପାଇଁ ସୁନ୍ଦରୀ
କରୁଥିବି ମୁହିଁ ଲବି ।

(ପରମ୍ପରା)
ପଖାଳକୁ ଶାଗ, ଶୁଖୁଆ ପୋଡା ଲୋ
ତା ସାଥିରେ ବଡ଼ିଚୁରା
ତୁ କହୁ ମୋତେ ଠକିଦେବା ଆମ
ବଂଶଗତ ପରମ୍ପରା ।

(ମୁଁ ନୁହେଁ)

ମଣ୍ଡପ ମଣ୍ଡପ ରନ୍ ମଣ୍ଡପ ଲୋ
ବିଜେ ତହିଁ ବଡ଼ଦିଅଁ
ନିଶାପ ବେଳକୁ ତୁ କହୁଥାଉ,
ମୁଁ ନୁହଁ ମୁଁ ନୁହଁ ।

ନିରଞ୍ଜନ ସାହୁ
ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ –

ସୁନାପୁର ଝର୍କାରେ ଝାଉଁ ବଣ

ସକାଳର ପହିଲି ପବନ
ଝର୍କା ବାଟେ ଆସେ,
ସାଙ୍ଗରେ ଝାଉଁ ପତ୍ରର ଗନ୍ଧ !
ଆଖି ଖୋଲିବା ଆଗରୁ
ଝାଉଁ ବଣ ଉଠିସାରିଥାଏ ।
ଝର୍କା ଫାଙ୍କରେ
ଆଖି ରଖିଲେ ଦେଖାଯାଏ
ଝାଉଁ ବଣ, ତା ଆଗକୁ ସମୁଦ୍ର !
ପବନ ଆସିଲେ ତା ଭିତରେ
ଢେଉ ଉଠେ, ଢେଉ ପଡ଼େ,
ଯେମିତି.....
କେହି ଜଣେ ମୋ ଛାତି ଉପରେ ହାତ ବୁଲାଉଛି ।
ଯେବେ ଦୁଇପହରିଆ ଖରା ପଡ଼େ
ଝାଉଁ ଡାଳର ଛାଇ ଛଇଲି ହୁଏ,
ଝର୍କା ଡେଇଁ ମୋ କାନ୍ଥରେ ଚିତ୍ର ଆଙ୍କେ,
କେତେବେଳେ ମୟୂର.....କେତେବେଳେ ସମୁଦ୍ର ।
ବର୍ଷା ହେଲେ ବଣ ଭିଜେ,
ତାର ଭିଜା ଗନ୍ଧ ଝର୍କା ଦେଇ ପଶେ !
ସେଦିନ ଚୁଲିରେ ଫୁଟୁଥିବା
ଭାତର ବାସ୍ନା ବି
ଟିକେ ଅଲଗା ଲାଗେ ।
ସଞ୍ଜବେଳେ ଝାଉଁ ଗଛକୁ
ଚଢ଼େଇ ଫେରେ,
ଆଉ ତା ଡେଣାରେ ଲାଗି
ଦିନର ଶେଷ ଆଲୁଅ
ମୋ ଝର୍କା ପାଖକୁ ଆସେ ।
ଝାଉଁ ବଣର ସର୍ ସର୍ ଶବ୍ଦ
ସହରର ଗୀତ ନୁହେଁ !

ସେ ଶବ୍ଦରେ ଅଛି
ନଈର ତୃଷ୍ଣା.....ବାଲିର କାନ୍ଦ.....
ଆଉ ହଜିଯାଇଥିବା
କେତେ ଗାଈଗୋରୁଙ୍କ ଖୋଜ ।
ରାତିରେ ଜହ୍ନ ଉଇଁଲେ
ଝାଉଁ ଡାଳ ଭିତରେ
ଆଲୁଅ ଅନ୍ଧାର ଲୁଚକାଳି ଖେଳେ !
ମୁଁ ଝର୍କା ପାଖରେ ବସେ
ନିଜକୁ ପଚାରେ,
ମୁଁ ଘର ଭିତରେ, ନା ବଣ ଭିତରେ
ଝର୍କା ବନ୍ଦ କଲେ ବି,
ସେ ସର୍ ସର୍ ଶବ୍ଦ
ମୋ ଛାତି ଭିତରେ ବାଜେ !
ସୁନାପୁରର ଝାଉଁ ବଣ ବାହାରେ ନୁହେଁ
ଆମ ନିଶ୍ୱାସରେ ଥାଏ ।
ସୁନାପୁରର ଝର୍କା
କାଠ ଆଉ ଲୁହାରେ ତିଆରି ନୁହେଁ !
ଝାଉଁ ବଣକୁ ଛାତିରେ ଛାତେଇ ଧରି ରଖିବାର
ଚରମ ପ୍ରତିଶୃତି ।।

ଡ. ଶୁଭେନ୍ଦୁ ମେହେର
ଯାଲୋଏ, ସୁବର୍ଣ୍ଣପୁର

ଅବ୍ୟକ୍ତ ମୂର୍ଚ୍ଛନା

ତୁମେ କ'ଣ କେବେ
କାହା ପ୍ରତାରଣା ଭୋଗିଛ ?
କାହାକୁ ହରାଇଛ
ନାଦସହସ୍ରଥର ହାରିଛ ?
ତାଡନହେଲେ
ମୋ ଜୀବନର
ଅଲିଖିତ ଦୀର୍ଘପୃଷ୍ଠାକୁ
କିପରି ପଢ଼ି ପାରିଛ ?
ନିଜେ ହାରିଯାଇଥିଲେ ସୁଦ୍ଧା
ମୋ ବିଜୟ ପାଇଁ
ଚାହିଁ ବସିଛ
କିଛି ମାଗିବା ଆଗରୁ
ସର୍ବସ୍ୱ ଅଜାଡ଼ି ଦେଇ
ମୋ ବିଷାଦର କାରାଗାର
ଖୋଲିଦେବା ପାଇଁ
ଆପ୍ରାଣ ଉଦ୍ୟମ କରୁଛ
ମୋ ସୁଖକୁ ଖୋଜିବାକୁ ଯାଇ
ନିଜକୁ ହଜାଇ ଦେଇ
ନିଜଠୁ ବି ଅଧିକା ହୋଇ
ମୋ ପାଖରେ ସର୍ବଦା
ଠିଆ ହୋଇଛ
ମୋ ଆଖିର ଲୁହରେ
ନିଜେ ଅଭିଷିକ୍ତ ହୋଇଛ
ଲାଗୁଛି ଯେମିତି
ମତେ କୃତାର୍ଥ କରି
ନିଜେ ସାର୍ଥକ ହେବାର
ସୁଖକୁ ଅନୁଭବ କରିପାରୁଛ

ଡକ୍ଟର ମନୋରଞ୍ଜନ ବିଷୋୟୀ
ଦାମୋଦରପୁର, ଗଂଜାମ

ସଭିଏଁ ପାଠ ପଢ଼ିବା

ସଭିଏଁ ପାଠ ପଢ଼ିବା
ମୂରୁଖ ଆଉ କହିବେ ନାହିଁ
ଉତ୍ତମ ଶିଶୁ ହୋଇବା ।

ସଭିଏଁ ପାଠ ପଢ଼ିବା
କାଳିଆ ଘୋଡ଼ାରେ ଆଗେ ଚଢ଼ି
ମଧୁବାବୁ ବୋଲାଇବା ।

ସଭିଏଁ ପାଠ ପଢ଼ିବା
ସରସ ସୁନ୍ଦର ସମାଜଟି
ଗଠନ ଆମେ କରିବା ।

ସଭିଏଁ ପାଠ ପଢ଼ିବା
ଦେଶ ମାତୃକାର ସେବା ପାଇଁ
ନିଜର ଜୀବନ ଦେବା ।

ସଭିଏଁ ପାଠ ପଢ଼ିବା
ଅଶିକ୍ଷିତ ଆଉ ହେବେ ନାହିଁ
ବିଦ୍ୟା ଗାରିମା ବୁଝିବା ।

ସଭିଏଁ ପାଠ ପଢ଼ିବା
ଶିକ୍ଷିତ ହେବା ଧନ ଅର୍ଜିବା
ବାପା ମାଙ୍କୁ ଆଦରିବା ।

ସୁନୀଲ କୁମାର ପ୍ରଧାନ
ଝାଟିପଦର, ପାଲୁର ,ଗଂଜାମ

ସ୍ୱଚ୍ଛ ଓ ସବୁଜ ପରିବେଶ

ଥିଲା ପରିବେଶ ଜଙ୍ଗଲେ ଭରା
ସବୁଜ ଶୀତଳ ଥିଲା ଏ ଧରା ।
ରୋଗ ଦୁଃଖ କଷ୍ଟ ତିଳେ ନ ଥିଲା
ପ୍ରାଣୀଙ୍କ ମନରେ ଆନନ୍ଦ ଥିଲା ।
ନିଷ୍ଠୁର ହୋଇ
ଆପଣା ପାଇଁ
ଶୂନ୍ୟ କରେ ନର ଜଙ୍ଗଲ ଭୁଇଁ ।। ୧ ।।
ଏ ଦୁଃଖ କଷ୍ଟକୁ ହଟେଇଦେବା
ମିଳିମିଶି ଆମେ ଶପଥ ନେବା ।
ସ୍ୱଚ୍ଛ ଧରଣୀ ଆସିବ ଫେରି
ନ ନେଇ ସମୟ ନ କରି ଡେରି ।
ଚାଲରେ ଭାଇ
କହିବା ଯାଇ
ଆମ ପରିବେଶ ସରଗ ଭୁଇଁ ।। ୨ ।।
ଅତି ମୂଲ୍ୟବାନ ଜୀବନ ଅଟେ
ବୃକ୍ଷ ବିନା ଏଠି କିଛି ନ ଘଟେ ।
ଖାଦ୍ୟ ଜଳ ବାୟୁ କାଠ ଯୋଗାଇ
ଜୀବନ ଧାରଣେ ସହାୟ ଏଇ ।
ରୋପଣ କରି
ଯତନ ନେଇ
ନିଜକୁ ସୁରକ୍ଷା ଦେବାରେ ଭାଇ ।। ୩ ।।
ବନବିଭଗକୁ ଆମ ପ୍ରଣାମ
ସବୁଜବାହିନୀ କଥାକୁ ମାନ ।
ଜଗନ୍ତି ଆମର ସବୁଜ ଧରା
ପାଲୁଛନ୍ତି ଆମ ମର୍ତ୍ତ୍ୟକୁ ପରା ।
ତାଙ୍କରି ପାଇଁ
ହସୁଛେ ଭାଇ
ପରିବେଶର ସେ ବୀର ସିପାହୀ । ୪ ।

ଶିଶୁକବି ରୁଦ୍ରରୂପା ବ୍ରହ୍ମା
ଓଡିଶା ଆଦର୍ଶ ବିଦ୍ୟାଳୟ , ପିତାତଳି
ଚିକିଟୀ, ଗଞ୍ଜାମ

ଅତିରୁ ଇତି

ଅତି ଗର୍ବ କରି ପାପୀ ଦଶାନନ
ସ୍ୱର୍ଣ୍ଣ ଲଂକା କଲା ଧ୍ୱଂସ
ଅତି ଦାନ କରି ମହାରାଜା ବଳି
ପାତାଳରେ ହେଲା ଶେଷ
ଅତିରୁ ହୁଅଇ ଇତି
ଅଣାୟତ୍ତ କର୍ମ ଆଦରିଲେ ପ୍ରାଣେ
ଘୋଟି ଆସେ କାଳରାତି।
ଅତି ଲୋଭ କଲେ କିଛି ନମିଳିବ
ଯାହା ଥିବ ଯିବ ଚାଲି
ଅତି ଅଳସରେ ଦାନା ନମିଳିବ
ମାଗୁଥିବ ବୁଲି ବୁଲି
ନୀତି ନିୟମକୁ ମାନି
ଜୀବନ ପଥରେ ହେଲେ ଅଗ୍ରସର
ନହୋଇବ କେବେ ହାନୀ।
ଶୋଇ ଖାଉଥିଲେ ନଦୀ ବାଲି ସରେ
ଆମରି ପୁସ୍ତକ କୁହେ
ଅତି ଅହଂକାର ସମ୍ପର୍କ ତୋଡଇ
ପରାଣେ ବିଷାଦ ଶୋହେ
ଅତି ଭକ୍ତି ଯିଏ କରେ
ଚୋରର ଲକ୍ଷଣ ତା'ହୃଦୟେ ଥାଏ
ଜିତୁ ଜିତୁ ସିଏ ହାରେ।
ଅତି ଜାଡ ହେଲେ ବରଫ ଜମଇ
ନମିଳେ ପାନୀୟ ଜଳ
ଅତି ବର୍ଷା ହେଲେ ବନ୍ୟା ମାଡି ଆସେ
ମିଳେ ନାହିଁ ଥଳକୂଳ
ନକର ବୃଥା ବହସ
ଗୀତା ଭାଗବତ ନୀତିକୁ ଆଦର
ମିଳିବ ତୃପ୍ତି ଅଶେଷ।
ଅତି ଲେସ୍ନୁ ଯେବେ ଚିପୁଡିବ ଭାଇ
ସୁଆଦ ହୋଇବ ପିତା
ଅତି ଆପଣାର ଲୋକ ଧୋକାଦିଏ
ତୋଡେ ସମ୍ପର୍କର ସୂତା
ଅତି ନଭାବିବା ଭଲ
ଭାବି ଭାବି ଦେହ ହୋଇଯାଏ କ୍ଷୟ
ପ୍ରାଣ ହୁଏ କଲବଲ।
!!!!!!!!!!!!!.
ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର

ସାହିତ୍ୟ ଆକାଶେ ରବି ସମ

ସ୍ରଷ୍ଟାଙ୍କ ସୃଷ୍ଟିରେ କବି ଅନୁପମ
ସ୍ୱତନ୍ତ୍ର ଭାବନା ତାର
ସମାଜର ସେହି ଜାଗ୍ରତ ପ୍ରହରୀ
ସତ୍ୟକରେ ଉଜାଗର ।।

ସକଳ ପ୍ରାଣୀଙ୍କ ବେନି ସୁଖ ଦୁଃଖ
ଦେଖିପାରେ ଏକା କବି
ନିମିଷକ ମଧ୍ୟେ ପରଖଇ ସେହି
ମନେ ଆଙ୍କିଥାଏ ଛବି ।।

ସପ୍ନ ସେ ଦେଖଇ ଭାବ ରାଜ୍ୟେ ରହି
ଭାବୁଥାଏ ନିରନ୍ତର
ଭାବନାକୁ ସେହି ପ୍ରକାଶ କରଇ
କାବ୍ୟ କବିତାରେ ତାର ।।

ବର୍ଣ୍ଣ ଉପବନୁ ଶବ୍ଦ ଯେ ଆଣଇ
ଛଟା ଦିଏ ଅନୁପ୍ରାସେ
ଅଳଙ୍କାରେ ସେହି ବିମଣ୍ଡିତ କରି
ପାଠକର ମନ ତୋଷେ ।।

ସାହିତ୍ୟ ଆକାଶେ ରବି ସମ କବି
ନାହିଁ ତାର ପଟାନ୍ତର
ଯୁଗ ଉପଯୋଗୀ ବାର୍ତ୍ତା ଦେଇଥାଏ
ମର୍ତ୍ତ୍ୟେ ସେହି କର୍ଣ୍ଣଧାର ।।

ଆନ ସୁଖ ଦୁଃଖେ ସୁଖୀ ଦୁଃଖୀ ହୋଇ
ଦେଇଥାଏ ଆଶ୍ୱାସନା
ତଥାପି ତା ଦୁଃଖ କିଏ ବି ବୁଝେନା
ପାଇଥାଏ ପ୍ରତାରଣା ।।

କବିର ବେଦନା ବୁଝି ନାହିଁ କେହି
ବୁଝି ପାରିବେନି କେବେ
ତା ହୃଦୟ ଭାଷା ଲେଖନୀ ବୁଝିଛି
ଦରଦୀ ବନ୍ଧୁ ସେ ଭବେ ।।

କବି ଅଧ୍ୟାପକ ଶ୍ରୀହେମନ୍ତ କୁମାର ଗନ୍ତାୟତ
ଦର୍ଶନ ଅଧ୍ୟାପକ
ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ, କବିସୂର୍ଯ୍ୟ ନଗର

ସବୁ ପର ଲୁହ ନିଜର

ମାତୃ ଗର୍ଭରୁ ଯେବେ ଭୂମିଷ୍ଠ ହୁଅଇ
ଶିଶୁ କିନ୍ଦେ କୁଆଁ କୁଆଁ.....
କାହିଁକି ଆସିଲି କୁଆଡେ ଆସିଲି
ଦୁନିଆ ଟା ଦୁଇ ନିଆଁ.....!!
ଲୁହ ଧରି ସାଥେ ଜନମ ମାନବ
ଏ ଲୁହ ନିଜର ତାର....
ପତ୍ନୀ ପୁତ୍ର କେବେ ହୋଇ ଗଲେ ପର
ଲୁହ ଟା ଭାରି ନିଜର.....!!
ଏ ଦେହରେ ଆସେ କେତେ ଦୁଃଖ କ୍ଲେଶ
ପିଣ୍ଡେ ପ୍ରାଣ ଥିବା ଯାଏଁ....
ସୁଖର ସମୟ କ୍ଷଣିକ ମାତର
ଦୁଃଖ ଦୀର୍ଘ ହୋଇଥାଏ.....!!
ଜୀବନ ଟା ଏକ ଯନ୍ତ୍ରଣା ର ପଥ
ଚାଲିଲେ ସରଇ ନାହିଁ.....
ଗଙ୍ଗା ଯମୁନା ଯେ ଏ ଦୁଇ ନୟନ
ଲୁହ ହୋଇଯାଏ ବୋହି.....!!
ବାର୍ଦ୍ଧକ୍ୟ ଆସିଲେ ସବୁ ଛାଡ଼ି ଯିବେ
ଯେତେ ଆପଣର ଥିଲେ.....
ମରଣ ସାଥୀରେ ଲୋତକ ବି ଯିବ
ଚିତାଗ୍ନିଟା ଜଳୁଥିଲେ.....!!
ଏଣୁ ଏ ଜଗତେ କିଏ ନୁହେଁ କାର
ସବୁ ସ୍ୱାର୍ଥ ମନା ସଖା.....
ସୁଖର ସାଥୀ ତ ହଜାର ମିଳନ୍ତି
ଦୁଃଖରେ ନମିଳେ ଦେଖା.....!!
ଜନ୍ମ ଠାରୁ ମୃତ୍ୟୁ ଲୁହ ଟା ନିଜର

ବଞ୍ଚିଥିବ ଯେତେ ଦିନ.....
ଯାହା ନେତ୍ରରୁ କେବେ ଧରି ନାହିଁ ଲୁହ
ନିହାତି ପଶୁ ସମାନ.....!!
କ୍ରୋଧ କ୍ରୂର ହିଂସା ପ୍ରତିହିଂସା ଘୃଣା
ଗର୍ବ ଅହଙ୍କାର ଯେତେ.....
ଯା ନେତ୍ରେ ନିର୍ଝ ହୋଉଥିବ ଅଶ୍ରୁ
ସଂସ୍କାର ସମ୍ଭବ ସେତେ.....!!
ମାନବ କୁ ସିନା ଅଶ୍ରୁ ମିଳିଅଛି
ହସିବା ମିଳିଛି ଯାହା....
ନାହିଁ ଏ ସୌଭାଗ୍ୟ ପଶୁପକ୍ଷୀ ଭାଗ୍ୟେ
ଭାଗ୍ୟବାନ ନର ତାହା....!!

କବି କେଶବ ଚନ୍ଦ୍ର ନାୟକ
ସଭାପତି, ଉତ୍କଳ ସାହିତ୍ୟ
ସଂସଦ, ମାଲକାନଗିରି

କାଳବୈଶାଖୀ ତାଣ୍ଡବ ,ବୃଦ୍ଧାଙ୍କ ଘର ଉପରେ ଗଛ ପଡ଼ି ବ୍ୟାପକ କ୍ଷୟକ୍ଷତି

କାଲିମେଳା,୬।୬(ଆନିସ): ମାଲକାନଗିରି ଜିଲ୍ଲାରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଗତ ଦୁଇ ଦିନ ରାତିରେ ପାଗ ହଠାତ୍? ବଦଳିଯାଇଥିଲା । ପ୍ରାୟ ଘଣ୍ଟାଏ ଧରି ଧୂଳିଝଡ଼ ସହ ପ୍ରବଳ ବେଗରେ ପବନ, ବଜ୍ରପାତ ଓ ବର୍ଷା ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏହି କାଳବୈଶାଖୀ ପ୍ରଭାବରେ କାଲିମେଳା ବ୍ଲକର ବିଭିନ୍ନ ଅଞ୍ଚଳରେ ବହୁ ଘର ଭାଙ୍ଗିଯିବା ସହିତ ରାସ୍ତାଘାଟରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ , ସବୁଠାରୁ ଦୁଃଖଦ ଖବର ହେଉଛି, ଏହି ଝଡ଼ ପବନ ସମୟରେ ଭେଜଙ୍ଗିଗୁଡା ପଞ୍ଚାୟତର ଏମପିଭି – ୩୯ ଗ୍ରାମର ବିଜଲୀ ରାଣୀ ବାଇନ (୭୦) ଙ୍କ ଘର ଉପରେ ଏକ ବିରାଟକାୟ ଗଛ ଉପୁଡ଼ି ପଡ଼ିବାରୁ ବୃଦ୍ଧା ଜଣକ ଅଳ୍ପକେ ବର୍ତ୍ତି ଯାଇଥିଲେ ହେଁ ତାଙ୍କ ଘରର ଆଜବେଷ୍ଟସ୍? ଏବଂ ଚାଳ ଉଡ଼ିଯାଇ ବ୍ୟାପକ କ୍ଷୟକ୍ଷତି ଘଟିଛି । ଗଛ ମାଡ଼ ହେବା ଫଳରେ ଘରର କାନ୍ଥ ଏବଂ ଆସବାବପତ୍ର ଭାଙ୍ଗି ଚୁରମାର ହୋଇଯାଇଛି । ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଥିବା ବେଳେ କ୍ଷତିଗ୍ରସ୍ତ ବୃଦ୍ଧାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

ଏମ୍.ଭି.-୨୨ରେ ଜୟ ମା' କାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

କୋରୁକୋଣ୍ଡା, ୬।୬ (ଆନିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତୁମୁସାପାଲ୍ଲୀ ପଞ୍ଚାୟତର ଏମ୍.ଭି.-୨୨ ଗ୍ରାମ ପଡ଼ିଆରେ ଆଜି ଜୟ ମା କାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଯାଇଛି। ଆସନ୍ତା ୧୩ ଜୁନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦୁଇଟି ଗ୍ରୁପ୍?ରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି।

ଉଦ୍?ଘାଟନୀ ଉତ୍ସବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ସାବିତ୍ରୀ ପଡ଼ିଆମୀ, ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର, ମାଲକାନଗିରି ସାଂସଦ ପ୍ରତିନିଧି ମୂୟା ମାଡକାମୀ, କୋରୁକୋଣ୍ଡା କ୍ରିକେଟ ଆସୋସିଏସନର ପ୍ରଯୋଜକ ଅଶୋକ ପରିଡ଼ା, ପଲ୍ଲୀ ମଣ୍ଡଳ ସଭାପତି ଜୟଦେବ ମଣ୍ଡଳ, ସମିତି ସଭ୍ୟ ଭୀମା ମାଡକାମୀ, ଗ୍ରାମ ସଭାପତି ଗୋବିନ୍ଦ ମିସ୍ତ୍ରୀ, ସମାଜସେବୀ ଅବିନାଶ ବେହେରା ଓ ୱାର୍ଡ ସଦସ୍ୟ ପବିତ୍ର ବିଶ୍ୱାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ।

ପ୍ରଥମ ଦିନର ମ୍ୟାଚ୍? ଏମ୍.ଭି.-୯୭ ଓ ବେଣ୍ଡାଗୁଡ଼ା ଦଳ ମଧ୍ୟରେ ଖେଳାଯାଇଥିଲା। ଟସ୍? ଜିତି ବେଣ୍ଡାଗୁଡ଼ା ଦଳ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏମ୍.ଭି.-୯୭ ଦଳ ୧୨ ଓଭରରେ ୮ ୱିକେଟ୍? ହରାଇ ୧୪୦ ରନ୍? ସଂଗ୍ରହ କରିଥିବାବେଳେ ବେଣ୍ଡାଗୁଡ଼ା ଦଳ ୭ ଓଭର ୨ ବଲରେ ୨ ୱିକେଟ୍? ହରାଇ ୧୪୧ ରନ୍? କରି ବିଜୟ ହାସଲ କରିଥିଲା।

ଖେଳ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ କ୍ରିକେଟପ୍ରେମୀ ଦର୍ଶକ ଉପସ୍ଥିତ ଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଜୟ ମା କାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ କମିଟିର ସଭାପତି ଦୀପଙ୍କର କୀର୍ତ୍ତନୀଆ, ସମ୍ପାଦକ ଗଣେଶ ସରକାର ଏବଂ କମିଟିର ଅନ୍ୟ ସଦସ୍ୟମାନେ ସୁଚାରୁ ଭାବେ ପରିଚାଳନା କରୁଛନ୍ତି।

ଗଜପତିରେ କାଳବୈଶାଖୀର ତାଣ୍ଡବ

୨୫ ଫୁଟ ଉଚ୍ଚତା ବିଶିଷ୍ଟ ନିର୍ମାଣଧୀନ ରାଇସ ମିଲ ଭୁଶୁଡି ପଡିଲା, ୫୦ ଲକ୍ଷ ଟଙ୍କାର କ୍ଷତି



ପାରଳାଖେମୁଣ୍ଡି,୬।୬ (ଆନିସ): କାଳବୈଶାଖୀର ତାଣ୍ଡବରେ ଗଜପତି ଜିଲ୍ଲାରେ ନିର୍ମାଣଧୀନ ୨୫ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଚାଉଳ ମିଲ ଭୁଶୁଡି ପଡି ଧୂଳିସାତ ହୋଇଯାଇଥିବା ସୂଚନା ମିଳିଛି. ଏଥିରେ ୫୦ ଲକ୍ଷରୁ ଊର୍ଦ୍ଧ ଟଙ୍କାର କ୍ଷତି ହୋଇଥିବା ଅଭିଯୋଗ ହୋଇଛି. ଘଟଣା ନେଇ ଚାଉଳ ମିଲ ମାଲିକ ଆଲିଆନ ଜଗନ୍ନାଥ ଅତ୍ୟନ୍ତ ଦୁଃଖ ପ୍ରକାଶ କରି ଜଣାଇଛନ୍ତିଯେ ସେ ଗଜପତି ଜିଲ୍ଲା ମାଛମରା ଗ୍ରାମରେ ଥିବା ତାଙ୍କର ଜମିରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାର ଅନୁମୋଦନକ୍ରମେ ୨.୧୦ କୋଟି ଟଙ୍କା ବ୍ୟୟରେ ଏକ ବଡ଼ ଧରଣର ଚାଉଳ କଳ ବା ରାଇସ ମିଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ. ଏହି ମିଲ ନିର୍ମାଣ କାର୍ଯ୍ୟ ପ୍ରାୟ ୨୫ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଥିଲା. ଏହି ସମୟରେ ଗତ ୨ ଦିନ ତଳର କାଳବୈଶାଖୀଜନିତ ପ୍ରବଳ ଝଡ଼ ବର୍ଷା ଯୋଗୁଁ ନିର୍ମାଣଧୀନ ଚାଉଳ କଳ ସମ୍ପୂର୍ଣ ରୂପେ ଘୁଷୁଡ଼ି ପଡି ଧୂଳିସାତ ହୋଇଯାଇଛି. ଏହି ନିର୍ମାଣ କାର୍ଯ୍ୟରେ ବର୍ତ୍ତମାନ ସୁଦ୍ଧା ୫୦ ଲକ୍ଷ ଟଙ୍କା ବ୍ୟୟ କରିଥିଲେ ବୋଲି ପ୍ରକାଶ କରି କହିଛନ୍ତି କାଳବୈଶାଖୀଜନିତ ଝଡ଼ ବର୍ଷା ତାଙ୍କର ନିର୍ମାଣଧୀନ ରାଇସ ମିଲକୁ ମାଟିରେ ମିଶାଇ ଦେଲା. ଏଥିରେ ତାଙ୍କର ୫୦ ଲକ୍ଷ ଟଙ୍କାର କ୍ଷତି ଘଟିଛି. ପ୍ରାକୃତିକ ବିପଯ୍ୟୟ ପାଣ୍ଠିରୁ ତାଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବା ପାଇଁ ସେ ସରକାର ଓ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି ।

ବିଶ୍ୱ ପରିବେଶ ସୁରକ୍ଷା ଦିବସ ପାଳିତ

ନର୍ଲା,୬/୬(ଆନିସ)ଜୁନ ୫ ବିଶ୍ୱ ପରିବେଶ ସୁରକ୍ଷା ଦିବସ ଅବସରରେ ମୋହନ ଗିରି ଗ୍ରାମ ପଞ୍ଚାୟତରେ ପରିବେଶ ସୁରକ୍ଷା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଶ୍ରୀମାନ ସୁରେନ୍ଦ୍ର ଧରୁଆ ସରପଞ୍ଚ ମୋହନଗିରି ,ମୁଖ୍ୟ ବକ୍ତା ରୂପେ ବିଶ୍ୱଜିତ ଠାକୁର ବନପାଳ ମୋହନଗିରି, ପ୍ରକୃତି ବନ୍ଧୁ ଶ୍ରୀମାନ ଶୁକଦେବ ସାହୁ, ବୈଦ୍ୟ ନାରାୟଣ ଭୋଇ, ସଂଜିତ ମହାନ୍ତି, ମଧୁସୂଦନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଥିବା ବେଳେ ପରିବେଶ ସଚେତନତା ଉପରେ ବାର୍ତା ପ୍ରଦାନ କରିଥିଲେ। ଏଥିରେ ପରିବେଶ ସନ୍ତୁଳନ ବଜାଇ ରହିଲେ ମାନବ ସମାଜ ସୁସ୍ଥ ରହିବ ବୋଲି ଅତିଥି ମାନେ ମତପୋଷଣ କରିଥିଲେ। ଏହି ଅବସରରେ ଦଶମ ବୋର୍ଡ଼ ପରୀକ୍ଷା ଓ ଦ୍ୱାଦଶ ପରୀକ୍ଷାରେ ଭଲ ପ୍ରଦର୍ଶନ ରଖି ଥିବା କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧତ କରାଯାଇଥିଲା। ଗ୍ରାମ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ଆଶା କର୍ମି,ଅଙ୍ଗନବାଡି କର୍ମି, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ମାନେ ଉପସ୍ଥିତ ଥିଲେ। ଲକ୍ଷ୍ମୀକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟ ନିର୍ବାହୀ ଅଧିକାରୀ ମିଳନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ଅଭିଯୋଗ

କାମ ନକରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ

କାଲିମେଳା,୬।୬(ଆନିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଭେଙ୍କଟପଲମ ପଞ୍ଚାୟତରେ ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଅର୍ଥ ହରିଲୁଟ୍ ହୋଇଥିବା ନେଇ ଏକ ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିଛି । କ୍ଷେତ୍ରରେ କୌଣସି କାର୍ଯ୍ୟ ନକରି ଜାଲ୍ ବିଲ୍ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା। ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ଏହି ଦୁର୍ନୀତି ଯୋଗୁଁ ସ୍ଥାନୀୟ ଅଞ୍ଚଳର ପ୍ରକୃତ ଗରିବ ଜବ୍ କାର୍ଡଧାରୀ ଶ୍ରମିକମାନେ କାମ ପାଇବାରୁ ବଞ୍ଚିତ ହେଉଛନ୍ତି । ଫଳରେ ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ବାଧ୍ୟ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ସୀମା ପାର୍ ହେଉଛନ୍ତି । ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ସ୍ଥାନୀୟ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ପଞ୍ଚାୟତରେ କାଗଜପତ୍ରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦର୍ଶାଯାଇ ଅର୍ଥ ଆତ୍ମସାତ କରାଯାଇଛି । ଏହାସହ ଗ୍ରାମରେ ଶ୍ରମିକମାନଙ୍କୁ କାମ ଯୋଗାଇଦେବା ପରିବର୍ତ୍ତେ କୋଉଠି ମେସିନ୍ ସାହାଯ୍ୟରେ କାମ କରାଯାଉଛି କିମ୍ବା ସମ୍ପୂର୍ଣ୍ଣ ମିଥ୍ୟା ବିଲ୍ ପ୍ରସ୍ତୁତ କରି ଟଙ୍କା ଉଠାଇ ନିଆଯାଉଛି । ପ୍ରକୃତ ହିତାଧିକାରୀଙ୍କ ପାଖରେ କାମ ପହଞ୍ଚିପାରୁ ନଥିବାରୁ, ସେମାନେ ନିଜ ପରିବାର ପ୍ରତିପୋଷଣ ପାଇଁ ଦାଦନ ସାଜି ଅନ୍ୟ ରାଜ୍ୟକୁ ପଳାୟନ କରୁଛନ୍ତି । ସୂଚନା ଅନୁଯାୟୀ, ଆରଏନବିପି ଗାର୍ଡେନ ୱାଲ୍,ଭେଙ୍କଟପଲମରେ ଏକପେଡ ମା କେ ନାମ, ମାଙ୍ଗିପଲ୍ଲି ଗ୍ରାମରେ ସକପିଟ, କୋୟାଗୁଡା ଗ୍ରାମରେ ଅମୃତସରବର ଫେସ୍ ୨ ଏବଂ କୋୟାଗୁଡା ଗ୍ରାମ ଠାରୁ ତେଲିଗୁଡ଼ା ଗ୍ରାମରେ ଡବଲୁବିଏମ ରାସ୍ତା ଭଳି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନକରି ଲକ୍ଷ ଲକ୍ଷ ଟଙ୍କାର ବିଲ୍ ପାସ୍ କରି ନିଆଯାଇଛି । ଗରିବ ଶ୍ରମିକମାନଙ୍କୁ ରୋଜଗାର ଯୋଗାଇଦେବା ପାଇଁ ଆସିଥିବା ସରକାରୀ ପାଣ୍ଠିକୁ କେତେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଦଲାଲ୍ ମିଶି ହଡ଼ପ କରିଥିବା ଅଭିଯୋଗ ହୋଇଛି । ଗ୍ରାମର ଧନୀ, ପ୍ରଭାବଶାଳୀ , ସିଆରପି, ବିକଳାଙ୍ଗ ପେନସନ ପାଉଥିବା ବ୍ୟକ୍ତି ଏବଂ କାଲିମେଳା ଲ୍ୟାମ୍ପରେ ଚାକିରିଆଙ୍କ ନାମରେ ମଧ୍ୟ ବେଆଇନ ଭାବେ ଜବ୍ କାର୍ଡ ତିଆରି କରାଯାଇ ଏହି ଅର୍ଥ ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବାଙ୍କ ସମେତ ଭେଙ୍କଟପଲମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଏବଂ ବହୁ ସଂଖ୍ୟକ ଲୋକ ଏକାଠି ହୋଇ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅଭିଯୋଗ ପତ୍ରରେ ସ୍ଥାନୀୟ ଜନପ୍ରତିନିଧି ଏବଂ କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ମଧ୍ୟଚନ୍ଦ୍ରିକା ଯୋଗୁଁ ଅନୁମୋଦିତ ଅର୍ଥର ହରିଲୁଟ ହୋଇଥିବା ବିଷୟ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି । ଏହାସହ ଏହି ମାମଲାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି । ଏଥିସହ ବହୁତ ଜବକାର୍ଡଧାରୀଙ୍କୁ ତୁରନ୍ତ କାମ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି ।

ଆମ୍ବଦଳା ମଣ୍ଡଳ ବିଜେପିର ମଣ୍ଡଳ କମିଟି ବୈଠକ

ମୁନିଗୁଡା ,୬।୬(ଆନିସ) ଆମ୍ବଦଳା ମଣ୍ଡଳ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ମଣ୍ଡଳ କମିଟି ବୈଠକ ସ୍ଥାନୀୟ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅନନ୍ତ ମାଲଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ବିଜେପି କାର୍ଯ୍ୟ କାରିଣୀ ସଦସ୍ୟ ଶିବ ଶଙ୍କର ଉଲକା,ଜିଲ୍ଲା ସାଧାରଣ ସମ୍ପାଦକ ଭିକାରି ନାହାକ,ଜିଲ୍ଲା ପୂର୍ବତନ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାମନ୍ତ,ଏସଆଇ ଆର ର ଜିଲ୍ଲା କୋ.କୋଡିନେଟର ରୁଦ୍ର ମାଗେଲି,ଏସ୍ଟି ମୋର୍ଚ୍ଚା ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ପ୍ରସ୍କାକା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସଂଗଠନ ସୁଦୃଢ଼ୀକରଣ, ବୁଥ୍ ସ୍ତରରେ ଦଳୀୟ କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବା ଏବଂ ଆଗାମୀ ରାଜନୈତିକ କାର୍ଯ୍ୟସୂଚୀ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଦଳର ନୀତି ଓ ଆଦର୍ଶକୁ ଘରେ ଘରେ ପହଞ୍ଚାଇବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ନୂତନ ସଦସ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଆଗାମୀ ଦିନରେ ମଣ୍ଡଳ ସ୍ତରରେ ବିଭିନ୍ନ ସାମାଜିକ ଓ ସଂଗଠନାତ୍ମକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।ଏହି ବୈଠକରେ ମଣ୍ଡଳର ସମସ୍ତ ପଦାଧିକାରୀ, ମୋର୍ଚ୍ଚା ସଭାପତି, ଶକ୍ତିକେନ୍ଦ୍ର ପ୍ରମୁଖ, ବୁଥ୍ ସଭାପତି ଏବଂ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ମତାମତ ରଖିଥିଲେ। ବୈଠକ ଶେଷରେ ଦଳର ସାଙ୍ଗଠନିକ ବିକାଶ ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।

ଶିକ୍ଷୟିତ୍ରୀ ଜୟଶ୍ରୀ ବହିଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନର୍ଲା,୬।୬(ଆନିସ): କଳାହାଣ୍ଡି ଜିଲ୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡୁମେରବାହାଲର ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ବହିଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ବିଦ୍ୟାଳୟ ପକ୍ଷରୁ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଆଚାରୀ ଶବର ଏବଂ ବିଶିଷ୍ଟ ପରିବେଶବିତ୍? ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ଦ୍ୱାରା ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲ।। ଶ୍ରୀମତୀ ବହିଦାର ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଥିବାରୁ ପ୍ରଶଂସିତ ହୋଇଥିଲେ। ପରିବେଶ ସୁରକ୍ଷା ପାଇଁ ଅନେକ ସଚେତନତା କାର୍ଯ୍ୟକ୍ରମ କରିତଥା ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିଥିବାରୁ ବିଦ୍ୟାଳୟ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରକୃତି ମିତ୍ର ପୁରସ୍କାର ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଉକ୍ତ ପୁରସ୍କାରକୁ ବିଶ୍ୱ ପରିବେଶ ଦିବସ ଦିନ ଗ୍ରହଣ କରିବାକୁ ଶ୍ରୀମତୀ ବହିଦାରଙ୍କ ସମେତ ବିଦ୍ୟାଳୟର ସହ ଶିକ୍ଷକ ନୋଦ ବିହାରୀ ବିଶି, ଲୋଟସ ତ୍ରିପାଠୀ,ଅସୀମ ଭୋଇ ପ୍ରମୁଖ ଉପସ୍ଥିତ ରହି କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ହାତରୁ ପୁରସ୍କାର ଗ୍ରହଣ କରିଥିଲେ ।

ଘୁ.ଉଦୟଗିରିରେ ବିଶ୍ୱ ପରିବେଶ ଦିବସ ପାଳିତ

ଘୁ.ଉଦୟଗିରି,୬।୬ (ଆନିସ): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଶୁକ୍ରବାର ଘୁ.ଉଦୟଗିରି ସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଭାରତୀୟ ଜନତା ପାର୍ଟି ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମାନଗୋବିନ୍ଦ ପ୍ରଧାନ, ଅଧ୍ୟାପକ ଡ଼. ନଳିନୀ କୁମାର ପାଣିଗ୍ରାହୀ,ଅଧ୍ୟାପକ ତପନ କୁମାର ନାୟକ,ଅଧ୍ୟାପିକା ସରିତା ମିଶ୍ର,ବନ ପାଳ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ବିଜେପି ନଗର ସଭାପତି ଭେଙ୍କଟେଶ୍ୱର ବେହେରା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟବ୍ରତ ସାହୁ,କାଉନସିଲର ସଂଗୀତା ନାୟକ,ନିଶାରାଣୀ ନାୟକ,କୁନ୍ତିମା ମଲ୍ଲିକ,ନଗର ଉପ ସଭାପତି ଲକ୍ଷ୍ମଣ ଆଚାର୍ଯ୍ୟ,ରବୀନ୍ଦ୍ର କୁମାର ସାହୁ,ଯମୁନା ପ୍ରଧାନ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମୁନୀ,ବୁଥ ସଭାପତି ନୂତନ କୁମାର ପଟ୍ଟନାୟକ, ପ୍ରଶାନ୍ତ କୁମାର ପ୍ରଧାନ,ରୁଦ୍ର ପ୍ରତାପ ପାତ୍ର,ମଣ୍ଡଳ ସମ୍ପାଦକ ଦେବବ୍ରତ ସାହୁ,ଶକ୍ତିକେନ୍ଦ୍ର ପ୍ରମୁଖ ଅନିରୁଦ୍ଧ ପ୍ରଧାନ, ସୁଜିତ କୁମାର ପଣ୍ଡା,ଗୌର ଚନ୍ଦ୍ର ପ୍ରଧାନ,ଟିମତି ନାୟକ, ଶୁଭଜ୍ଞାନ ପ୍ରଧାନ,ସୁମନ୍ତ୍ର ପ୍ରଧାନ,ଭୁବନ ମଲ୍ଲିକ,ରିଙ୍କୁ ମଲିକ ପ୍ରମୁଖ ଯୋଗ ଦେଇଥିଲେ।ସେହିପରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆଗରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର,ଏବିଇଓ ତଥା ବିଆର ସିସି ନିବେଦିତ ପ୍ରଧାନ,ଏବି ଇଓ ପ୍ରଫୁଲ୍ଲ କୁମାର ସାହୁ ଯୋଗ ଦେଇଥିବା ବେଳେ ଏନ୍ଏସି କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

ଅଡିଟ୍‌ରେ 'ଏ' ଗ୍ରେଡ୍, ଜିଲ୍ଲାରେ ଆୟ କ୍ଷେତ୍ରରେ ଅନ୍ୟତମ ମାଥିଲି ଲ୍ୟାମ୍ପସ

ଅପପ୍ରଚାରକୁ ନେଇ କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣ

ମାଥିଲି,୬।୬ (ଆନିସ): ମାଲକାନଗିରି ଜିଲ୍ଲା ମାଥିଲି ର ସମବାୟ କ୍ଷେତ୍ରରେ ଏକ ପରିଚିତ ନାମ ହେଉଛି ମାଥିଲି ଲ୍ୟାମ୍ପସ। ହଜାର ହଜାର ଚାଷୀଙ୍କ ଭରସାର କେନ୍ଦ୍ରବିନ୍ଦୁ ପାଲଟିଥିବା ଏହି ସଂସ୍ଥା ସମ୍ପ୍ରତି କିଛି ଅଭିଯୋଗ ଓ ଚର୍ଚ୍ଚାକୁ ନେଇ ଖବରର ଶିରୋନାମାରେ ରହିଥିବା ବେଳେ, ଲ୍ୟାମ୍ପସ କର୍ତ୍ତୃପକ୍ଷ ସମସ୍ତ ଅଭିଯୋଗକୁ ଖଣ୍ଡନ କରି ସଂସ୍ଥାର ସଫଳତା, ସ୍ୱଚ୍ଛ ପରିଚାଳନା ଓ ଆର୍ଥିକ ଦୃଢ଼ତା ସମ୍ପର୍କରେ ବିସ

ବିଶ୍ୱ ପରିବେଶ ଦିବସରେ ଫୁଲବାଣୀ ଆଇଟିଆଇ ପ୍ରାଙ୍ଗଣରେ ବୃକ୍ଷରୋପଣ ଓ ପରିବେଶ ସଚେତନତା

ଫୁଲବାଣୀ, ୬।୬ (ଆନିସ): ବିଶ୍ୱ ପରିବେଶ ଦିବସ ଅବସରରେ ଫୁଲବାଣୀ ସରକାରୀ ଆଇଟିଆଇ ପ୍ରାଙ୍ଗଣରେ ଏକ ଭବ୍ୟ, ଗରିମାମୟ ଓ ପରିବେଶ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ''ପ୍ରକୃତିର ସୁରକ୍ଷା ହେଉଛି ମାନବ ସଭ୍ୟତାର ଅସ୍ତିତ୍ୱର ମୂଳ ଆଧାର'' ଏହି ମହାନ ବାର୍ତ୍ତାକୁ ଆଗରେ ରଖି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଏବଂ ଫୁଲବାଣୀ ସହକାରୀ ବନଖଣ୍ଡ ଅଧିକାରୀ (ଏ ସି ଏଫ୍) ଶ୍ରୀମତୀସ୍ୱେତଲିନା ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପରିବେଶ ସୁରକ୍ଷାର ଅପରିହାର୍ଯ୍ୟତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଇଟିଆଇର ଅଧ୍ୟକ୍ଷ ଇଂ. ପ୍ରକାଶ ରଞ୍ଜନ ସୋରେନ ସଭାପତିତ୍ୱ କରିଥିଲେ। ସେ ନିଜର ପ୍ରାଞ୍ଜଳ, ଜ୍ଞାନଗର୍ଭ ଏବଂ ପ୍ରେରଣାଦାୟକ ଉଦ୍ବୋଧନରେ ବୃକ୍ଷର ମହତ୍ତ୍ୱ, ପରିବେଶ ସନ୍ତୁଳନରେ ତାହାର ଭୂମିକା ଏବଂ ମାନବ ସମାଜ ପାଇଁ ବୃକ୍ଷର ଅମୂଲ୍ୟ ଅବଦାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ତାଙ୍କର ଓଜସ୍ୱୀ ବକ୍ତବ୍ୟ ଉପସ୍ଥିତ ସମସ୍ତଙ୍କ ମନକୁ ସ୍ପର୍ଶ କରିଥିଲା। ମୁଖ୍ୟ ଅତିଥି ବିଧାୟକ ଉମାଚରଣ ମଲ୍ଲିକ ନିଜ ବକ୍ତବ୍ୟରେ କହିଥିଲେ ଯେ, ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ପବିତ୍ର କର୍ତ୍ତବ୍ୟ। ଯଦି ପ୍ରତ୍ୟେକ ବ୍ୟକ୍ତି ପରିବେଶ ସୁରକ୍ଷା ପ୍ରତି ସଚେତନ ହେବେ ଓ ନିୟମିତ ବୃକ୍ଷରୋପଣ କରିବେ, ତେବେ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସବୁଜ ଓ ସୁରକ୍ଷିତ ପୃଥିବୀ ଗଢ଼ି ଉଠିବ। ମୁଖ୍ୟ ବକ୍ତାଏ ସି ଏଫ୍ ଶ୍ରୀମତୀ ସାହୁ ତାଙ୍କ ସୁଚିନ୍ତିତ ଅଭିଭାଷଣରେ ବୃକ୍ଷରୋପଣର ବୈଜ୍ଞାନିକ ଆବଶ୍ୟକତା, ଜଙ୍ଗଲ ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ ଓ ଜୀବବୈବିଧ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଗୋଟିଏ ବୃକ୍ଷ କେବଳ ଅମ୍ଳଜାନର ଉତ୍ସ ନୁହେଁ, ବରଂ ସମଗ୍ର ପରିବେଶ ବ୍ୟବସ୍ଥାର ଜୀବନରେଖା।।

ପରିଶେଷରେ ଆଇଟିଆଇର ସହ ତାଲିମ ଅଧିକାରୀ ନୃସିଂହ ନନ୍ଦ ମହାପାତ୍ର ନିଜର ଚମତ୍କାର ଓ ପ୍ରେରଣାଦାୟକ ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅତିଥିମାନଙ୍କ ମନ ମୋହି ନେଇଥିଲେ। ସେ ପରିବେଶ ସୁରକ୍ଷାକୁ ଜନଆନ୍ଦୋଳନର ରୂପ ଦେବାକୁ ଆହ୍ୱାନ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳ ଭାବେ ପରିଚାଳନା କରିବାରେ ଚେଞ୍ଜ ଲିଡର ସ୍ମୃତି ରଞ୍ଜନ ଦାସ ସକ୍ରିୟ ଭୂମିକା ଗ୍ରହଣ କରି ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ବିଶ୍ୱ ପରିବେଶ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ପୃଥିବୀର ବିକାଶ ଓ ମାନବ ଅସ୍ତିତ୍ୱ ପାଇଁ ପରିବେଶ ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ସମାଜକୁ ସଚେତନ କରିବା। ବର୍ତ୍ତମାନ ବିଶ୍ୱ ଯେଉଁଠାରେ ଉଷ୍ଣାୟନ, ବନବିନାଶ, ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଭଳି ଗମ୍ଭୀର ଚ୍ୟାଲେଞ୍ଜ ସାମ୍ନା କରୁଛି, ସେଠାରେ ବୃକ୍ଷରୋପଣ ଓ ପରିବେଶ ସଂରକ୍ଷଣ ହିଁ ମାନବଜାତି ପାଇଁ ଏକମାତ୍ର ସୁଦୃଢ଼ ପଥ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।''ଗଛଟିଏ ରୋପଣ କରନ୍ତୁ, ପୃଥିବୀକୁ ସବୁଜ କରନ୍ତୁ ପରିବେଶକୁ ସୁରକ୍ଷା ଦିଅନ୍ତୁ, ଭବିଷ୍ୟତକୁ ସୁରକ୍ଷିତ କରନ୍ତୁ'' ଏହି ସଶକ୍ତ ବାର୍ତ୍ତା ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା।।

ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ

ଫୁଲବାଣୀ, ୬।୬ (ଆନିସ): ଫୁଲବାଣୀ କ୍ଷୁଦ୍ର ଜଳସେଚନ ମଣ୍ଡଳ ର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଁ ସୁର୍ଯ୍ୟ ନାରାୟଣ ପାଣିଗ୍ରାହୀ ଜିଲ୍ଲା ର ବିଭିନ୍ନ ଅଞ୍ଚଳ ଗସ୍ତ କରି ସଂପୃକ୍ତ ଅଞ୍ଚଳ ରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡ଼ିକ ବୁଲି ଦେଖିବା ସହ ପ୍ରକଳ୍ପ ଗୁଡ଼ିକ ର ବର୍ତ୍ତମାନ ର ସ୍ଥିତି କିଭଳି ରହିଛି, ଖରିଫ ଓ ରବିରୁତୁ ରେ ଜମିକୁ କେନାଲ ଯୋଗେ ଜଳସେଚନ ହେଉଛି କି ନାହିଁ ଏସବୁ ର ସମୀକ୍ଷା କରିବା ସହ ଜିଲ୍ଲାରେ ନିର୍ମାଣ ହେଉ ଥିବା ଚେକ୍ ଡେମ ଗୁଡିକ ତଦରଖ କରିବା ଉନ୍ନତ ମାନର କାର୍ଯ୍ୟ କରିବା ସହ ନିର୍ଦ୍ଧାରିତ ସମୟ ସୀମା ପୁର୍ବରୁ କାର୍ଯ୍ୟ ସାରିବା ପାଇଁ ଦାୟିତ୍ୱ ରେ ଥିବା ଯନ୍ତ୍ରୀ ଓ ଠିକାଦାର ଙ୍କୁ ପରାମର୍ଶ ଦେଉ ଛନ୍ତି ଆଦିବାସୀ ଅଧୁଷିତ କନ୍ଧମାଳ ଜିଲ୍ଲାରେ ଥିବା ଚାଷ ଜମିକୁ ଅଧିକ ରୁ ଅଧିକ ଜଳସେଚନ ସୁବିଧା ହେଇପାରିବ ସେଥିପ୍ରତି ଗୁରୁତ୍ୱ ଦେଉଥିବା ଦେଖାଯାଉଛି ଇଁ ପାଣିଗ୍ରାହୀ ଙ୍କ ସମୟରେ ଜିଲାରେ ଅନେକନୂତନ୍ ଚେକ ଡେମ୍ ମାନ ନିର୍ମାଣ କରାଯାଇ ଜମି କୁ ଜଳସେଚନ ସୁବିଧା ଯୋଗାଇ ଦିଆ ଯାଇଛି ଫଳରେ ଜିଲ୍ଲାର କୃଷକ ସଙ୍ଗଠନ, ଚାଷୀ, ପାଣି ପଞ୍ଚାୟତ ସଦସ୍ୟ ଖୁସି ବ୍ୟକ୍ତ କରିବା ସହ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ହେବତ ପାଣିଗ୍ରାହି ସାର ଙ୍କ ଭଳି ବୋଲି କହିଛନ୍ତି ସେହିପରି ଇଁ ପାଣିଗ୍ରାହି ଙ୍କ ସମୟରେ ସ୍ଥାନୀୟ ଡ଼ିଭିଜନ କାର୍ଯ୍ୟାଳୟ ର ଉନ୍ନତି କରଣ, ନୂତନ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କାର୍ଯ୍ୟାଳୟ ଓ ବାସ୍ ଭବନ ନିର୍ମାଣ ସମ୍ଭବ ହେବା ସହ ଉଦଘାଟିତ ହୋଇପାରିଛି କାର୍ଯ୍ୟାଳୟ ରେ ହାତ ଗଣତି କମ୍ ସଂଖ୍ୟକ ଦକ୍ଷ କର୍ମଚାରୀଙ୍କୁ ସାଥିରେ ନେଇ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଛନ୍ତି ଡେ ମ୍ ସେଫ୍ଟୀ ଟିମ୍ କୁ ନେଇ ସେ ବଲ ସକୁ ମ୍ନା ସ୍ଥିତ ପୁରୁଣା ପାଣି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବୁଲି ଦେଖାଇବା ସହ ପ୍ରକଳ୍ପ ସଂପର୍କରେ ଆଲୋଚୋନା କରିଥିଲେ ସେହିପରି ଜି ଉଦୟଗିରୀ ସ୍ଥିତ କକଲ ବାକି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଓମଧୁ ଝରି ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିବା ସହ କାର୍ଯ୍ୟ ଯେପରି ସରକାରୀ ନୀତି ନିୟମ ମଧ୍ୟରେ ନିର୍ମାଣ କାର୍ଯ୍ୟ ଯେପରି ଉନ୍ନତ ମାନର ହେବ ଓ ଠିକ ସମୟରେ ସରିବ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ ଆଗକୁ ସରକାର ଅନୁଦାନ ପ୍ରଦାନ କଲେ ଅନେକ ସ୍ଥାନରେ ନୂତନ ପ୍ରକଳ୍ପ ପ୍ରତିଷ୍ଠା କରାଯିବ ବୋଲି ଅ ତି ରିକ୍ତ ମୁଖ୍ୟ ଯନ୍ତ୍ରୀ ଇଁ ସୂର୍ଯ୍ୟ ନା ରା ୟଣ ପାଣିଗ୍ରାହୀ କହିଛନ୍ତି

ପ୍ରକୃତିବନ୍ଧୁ ପୁରସ୍କାରରେ ସମ୍ମାନିତ ହେଲେ ଶିକ୍ଷକ ବିଜୟ ମିଶ୍ର

କେନ୍ଦୁଝର, ୬।୬: କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଶରୀଶପାଳ ଗ୍ରାମ ପଞ୍ଚାୟତର ମୋଟୀଟାଙ୍ଗିରି ଗ୍ରାମର ବିଜୟ କୁମାର ମିଶ୍ର, ୨୦୨୫-୨୬ ବର୍ଷ ନିମନ୍ତେ ପ୍ରକୃତି ବନ୍ଧୁ ପୁରସ୍କାରରେ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ପିଲା ଦିନରୁ ପିତା ସ୍ୱର୍ଗତ ଶ୍ୟାମସୁନ୍ଦର ମିଶ୍ର ଓ ମାତା ସ୍ୱର୍ଗତ ବୈଦେହୀ ମିଶ୍ରଙ୍କ ପ୍ରେରଣାରେ ବିଭିନ୍ନ ପ୍ରକାର ସେବା ମୂଳକ କାର୍ଯ୍ୟରେ ସେ ନିଜକୁ ସାମିଲ କରି ଆସୁଛନ୍ତି । ବର୍ତ୍ତମାନ ଶ୍ରୀ ମିଶ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରଠାରେ ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ ଶିକ୍ଷକ ରୂପେ କାର୍ଯ୍ୟ କରୁଛନ୍ତି । ବୃକ୍ଷରୋପଣ ସହ ବିଭିନ୍ନ ଜନ ସଚେତନତା ମୂଳକ କାର୍ଯ୍ୟ କରି ସେ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି । ପରିବେଶ ସୁରକ୍ଷା ସମ୍ପର୍କିତ ବିଜ୍ଞାନ ପ୍ରକଳ୍ପର ମାର୍ଗଦର୍ଶକ ଶିକ୍ଷକ ରୂପେ ସେ ଜିଲ୍ଲାରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ସମ୍ମାନିତ ହୋଇଛନ୍ତି, ସେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ତଥା କୃତୀ ଶିକ୍ଷକର ପୁରସ୍କାର ମଧ୍ୟ ପାଇଛନ୍ତି । ତାଙ୍କର ଏହି ସଫଳତାରେ ଗ୍ରାମବାସୀ ତଥା ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ମାନେ ଆନନ୍ଦ ପ୍ରକାଶ କରିଛନ୍ତି।

ଏଆରଟେଲ ଟେଲିକମ ସେବା ବାଧାପ୍ରାପ୍ତ, ଗ୍ରାହକ ହନ୍ତସନ୍ତ

ବିଞ୍ଝାରପୁର, ୬।୬ (ଆନିସ): ବିଞ୍ଝାରପୁର ବ୍ଲକର ଶାସନ୍ଦା ସମେତ ବିଭିନ୍ନ ଗ୍ରାମରେ ଗତ କିଛି ଦିନ ହେବ ଏଆରଟେଲ ଟେଲିକମ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିବାରୁ ଗ୍ରାହକମାନେ ହନ୍ତସନ୍ତ ହେଉଛନ୍ତି। ମୋବାଇଲ ନେଟୱର୍କ ଓ ଇଣ୍ଟରନେଟ ସେବା ଠିକ୍ ଭାବେ କାର୍ଯ୍ୟ କରୁନଥିବାରୁ ଦୈନନ୍ଦିନ କାର୍ଯ୍ୟକଳାପ ବ୍ୟାପକ ଭାବେ ପ୍ରଭାବିତ ହେଉଛି। ନେଟୱର୍କ ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀମାନେ ଅନଲାଇନ କ୍ଲାସରେ ଯୋଗଦେବାରେ ଅସୁବିଧା ଭୋଗୁଥିବା ବେଳେ ସରକାରୀ ରାସନ ସାମଗ୍ରୀ ବଣ୍ଟନ ପାଇଁ ଆବଶ୍ୟକ ଅନଲାଇନ ପ୍ରକ୍ରିୟା ମଧ୍ୟ ବାଧାପ୍ରାପ୍ତ ହେଉଛି। ସେହିପରି ମନରେଗା କାର୍ଯ୍ୟ, ବ୍ୟାଙ୍କିଙ୍ଗ ସେବା, ଅନଲାଇନ ଦେୟ ପ୍ରଦାନ ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟ ସଠିକ ଭାବେ ସମ୍ପାଦନ ହୋଇପାରୁନାହିଁ। ସ୍ଥାନୀୟ ଲୋକେ ଏହି ସମସ୍ୟା ନେଇ ଏଆରଟେଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ନେଟୱର୍କ ସେବାର ସୁଧାର ଆଣି ଗ୍ରାହକଙ୍କ ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି

ଓଡ଼ଗାଁ ବିଜ୍ଞାପିତ ପରିଷଦ

ମାଛ ଚାଷ ପାଇଁ ୬ ପୋଖରୀ ନିଲାମଧାରୀଙ୍କୁ ପ୍ରଦାନ

ଓଡ଼ଗାଁ ୦୬।୬ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ର ୦୯ ପୋଖରୀ ମଧ୍ୟରୁ ୦୬

ପୋଖରୀରେ ମାଛ ଚାଷ ନିମନ୍ତେ ପ୍ରଥମ ଥର ନୋଟିସ ଅନୁସାରେ ନିଲାମ ଡାକି ନିଲାମଧାରୀମାନେ ଅର୍ଥ ଜମା କରିବା ପରେ ସେମାନଙ୍କୁ ଚୁକ୍ତି ଭିତ୍ତିକ ପ୍ରକ୍ରିୟାରେ ପୋଖରୀ ହସ୍ତାନ୍ତର କରାଯାଇଛି। ଶନିବାର ଏନ୍ଏସି କାର୍ଯ୍ୟାଳୟ ଠାରେ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଏବଂ ଅତିରିକ୍ତ ତହସିଲଦାର ପବିତ୍ର କୁମାର ସେଠୀଙ୍କ ଉପସ୍ଥିତରେ ପୋଖରୀ ନିଲାମ ହୋଇଥିଲା।ନିଲାମ ଡାକରାରେ ଯେଉଁ ବ୍ୟକ୍ତି ଅଧିକ ଟଙ୍କା ଦେଲେ ସର୍ବ ସମ୍ମୁଖରେ ସେହି ବ୍ୟକ୍ତି ବିଶେଷଙ୍କ ନାମରେ ନିଲାମ ଖାମି କରାଯାଇଥିଲା।ଆଖୁପଦର, ରଗଡ଼ିସାହି, ଖଜୁରୀଆ ପୋଖରୀ ମାଛ ଚାଷ ପାଇଁ ଉପଯୁକ୍ତ ହୋଇନଥିବାରୁ ସେଗୁଡ଼ିକୁ ନିଲାମରୁ ବାଦ ଦିଆଯାଇଥିଲା।ସୂଚନା ଥାଉକି ଏହି ପୋଖରୀ ନିଲାମ ହେବା ଦ୍ୱାରା ଓଡ଼ଗାଁ ଏନ୍ଏସିର ନିଜସ୍ୱ ଆୟ ବୃଦ୍ଧି ଯୋଗୁଁ ଭବିଷ୍ୟତରେ ଓଡ଼ଗାଁ ଏନ୍ଏସିକୁ ସମପରିମାଣ କିସ୍ତା ତାଠାରୁ ଅଧିକ ସରକାରୀ ଅର୍ଥ ଅନୁଦାନ ମିଳିବା ନିମନ୍ତେ ବାଟ ଖୋଲିଲା।।

ମିଳନୀରେ ଶୋଭନା ଜେନାଙ୍କ କବିତା ସଂକଳନ ଉନ୍ମୋଚିତ

କେନ୍ଦୁଝର, ୬।୬ (ଆନିସ): ଶୁକ୍ରବାର ଅପରାହ୍ନ ରେ ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠାନ ର ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀ ଙ୍କ ପୌରହିତ୍ୟ ରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କବୟିତ୍ରୀ ଶୋଭନା ଜେନା ଙ୍କ କବିତା ସଂକଳନ ଚେନାଏ ଆକାଶ ଚିରୁଡ଼ାଏ ମାଟି ର ପାଠକାର୍ପଣ ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭ ରେ ପଣ୍ଡିତ ମଧୁସୂଦନ ମିଶ୍ରଙ୍କ ବେଦମନ୍ତ୍ର ପାଠ ମଧ୍ୟରେ ଅତିଥିମାନେ ଧୂପ ପ୍ରଜ୍ୱଳନ କରି ଉତ୍ସବ ର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ର ପ୍ରାକ୍ତନ କାର୍ଯ୍ୟନିର୍ବାହୀ ସଦସ୍ୟ ଆଡଭୋକେଟ୍ ବିଭୁତି ଭୂଷଣ ପ୍ରଧାନ ଙ୍କ ଦିବଙ୍ଗତ ଆତ୍ମର ସଦଗତି ପାଇଁ ନୀରବ ପ୍ରାର୍ଥନା କରା ଯାଇଥିଲା। ସଂପାଦକ ଡକ୍ଟର ଚିତ୍ତ ରଞ୍ଜନ ମିଶ୍ର କବୟିତ୍ରୀ ଶୋଭନା ଙ୍କ ସୃଜନ ଜୀବନ ସମ୍ପର୍କ ରେ ସୂଚନା ଦେଇଥିଲେ।

କବୟିତ୍ରୀ ଶୋଭନା ଜେନା ମିଳନୀ କୁ ତାଙ୍କ ସୃଜନ ର ପ୍ରେରଣା ଭୂମି ଭାବରେ ପ୍ରକାଶ କରିଥିଲେ। ବିଶିଷ୍ଟ କବି ସୁଧା ଦାଶ ମୁଖ୍ୟବକ୍ତା ଭାବରେ ଯୋଗଦେଇ କବିତା କୁ କବିର ଜୀବନ ବାଣୀ ଭାବରେ ଅଭିହିତ କରିଥିଲେ।

ଅଧ୍ୟାପକ କୈଳାସ ଚନ୍ଦ୍ର ସାହାଣୀ ଉନ୍ମୋଚିତ ପୁସ୍ତକ ଟ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀ ତାଙ୍କର ସଭାପତୀୟ ଅଭିଭାଷଣ ରେ କେନ୍ଦୁଝର ର ସାରସ୍ୱତ ପରମ୍ପରା ରେ ନାରୀ ଲେଖନୀ ସମ୍ପର୍କରେ ସାର ଗର୍ଭକ ଭାଷଣ ପ୍ରଦାନ କରିବା ସହିତ ଶୋଭନା ଜେନା ଙ୍କ ସୃଷ୍ଟି ର ଉତ୍କର୍ଷ ପ୍ରତିପାଦନ କରିଥିଲେ। ବରିଷ୍ଠ କବୟିତ୍ରୀ ଇନ୍ଦୁମତୀ ପାତ୍ର ଙ୍କ ସଂଯୋଜନା ରେ ଚିନ୍ତାମଣି ମହାଳିକ, ପିନାକୀ ମିଶ୍ର, ଭରତ ଚନ୍ଦ୍ର ପାତ୍ର, ଧ୍ରୁବାନନ୍ଦ ରାଉତ, ଗୀତାରାଣୀ ଦାଶ, ମମତା ରାଣୀ ଦାସ, ସୁଭଦ୍ରା ମହାନ୍ତ, ରୀତାଞ୍ଜଳି ସାହୁ, ଶାନ୍ତନୁ ମହାପାତ୍ର, ନରହରି ମିଶ୍ର, ଉମାକାନ୍ତ ବେହେରା ଶରତ କୁମାର ରାଉତ, ଡକ୍ଟର୍ ସୁମନ୍ତ ନାଏକ, ମାୟାଧର ନାୟକ, ଜିତେନ୍ଦ୍ର ପରିଡ଼ା, ମନ୍ଦାକିନୀ କର, ଜ୍ୟୋସ୍ନା ପାଢ଼ୀ,ଡାକ୍ତର ଭାରତୀ ମହାପାତ୍ର, ସୌଦାମିନୀ ଆଚାର୍ଯ୍ୟ, ଚନ୍ଦ୍ରପ୍ରଭା କର, ଆର୍ଯ୍ୟବାଳା ମହାପାତ୍ର,ରନ୍ମଞ୍ଜରୀ ରାଉତ, ଭାବିପ୍ରିୟା ସାହୁ, ବୀଣାପାଣି ଜେନା, ହରେକୃଷ୍ଣ ବେଜ, ଡାକ୍ତର ମଦନ ମୋହନ ମହାପାତ୍ର, ଡକ୍ଟର ବିପିନ୍ ବିହାରୀ ମହାପାତ୍ର, ବିରଞ୍ଚି ସାମନ୍ତରାୟ, ଡାକ୍ତର ତ୍ରିଲୋଚନ ଦାସ ସୁଜିତ ମିଶ୍ର, ଚିନ୍ମୟ ସାହୁ ଓ ପ୍ରତାପ କର୍ମକାର ପ୍ରମୁଖ କବିତାପାଠ କରିଥିଲେ। ଯୁଗ୍ମ ସଂପାଦକ ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ଜି ଉଦୟଗିରି ବିଜେଡି ମହିଳା ସଙ୍ଗଠନ ପକ୍ଷରୁ ନାରୀ ଅଧିକାର ରଲୀ

ଫୁଲବାଣୀ, ୬।୬ (ଆନିସ): ବିଜୁ ଜନତା ଦଳ ପକ୍ଷରୁ କଂଧମାଳ ଜିଲ୍ଲା ଜି ଉଦୟଗିରୀ ଠାରେ ମହିଳା ବିଜେଡି ପକ୍ଷରୁ ନା ରୀ ଅଧିକାର ଓ ସୁରକ୍ଷା ନେଇ ଏକ ବିଶାଳ ରଲୀ ମହାମାନ୍ୟ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲ ଦର ଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ କାର୍ଯ୍ୟକ୍ରମ ରେପୁର୍ବତନ ମନ୍ତ୍ରୀ ଜିଲ୍ଲା ବିଜେଡି ସଭାପତି ପଦ୍ମ ନାଭ ବିଜେଡି ସଭାପତି ଅନୀଲ ଦଳବେହେରା, ଜିଲ୍ଲା ବିଜେଡି ଉପସଭାପତି ସଞ୍ଜୀବ ପାତ୍ର, ଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ ସେହିପରି

ଓ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା ଏହି ରା ଲୀ ଟେଲିଫୋନ ଭବନ ଛକ ରୁ ବାହାରି ବିଜେପି ସରକାରଂକ ବିରୋଧ ରେ ବିଭିନ୍ନ ପ୍ରକାର ନରା ଦେଇ ସହରପରିକ୍ରମା କରିଥିଲା ।

ପରେ ସ୍ଥାନୀୟ ତହସିଲ ଦା ର ଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ବେହେରା, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ପୁନମ କହଁର, ରାଜ୍ୟ ବିଜେଡି ସମ୍ପାଦକ କୈଳାଶ ମୁଖୀ, ପୁର୍ବତନ ଉପ ବାଚସ୍ପତି ସଲୁଗା ପ୍ରଧାନ, ପୁର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ଏନ୍ ଏ ସି ଅଧକ୍ଷା ଦେବସ୍ମିତା ଶତପଥୀ, ବ୍ଲକ ବିଜେଡି ସଭାପତି , ନଗର ହାଟପଦା ଠାରେ ଅନୁଷ୍ଠିତ ସାଧାରଣ ସଭାରେ ନେତାମାନେ ମହିଳାଙ୍କ ପାଇଁ ୩୩ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଓ ସୁରକ୍ଷା ବ୍ୟବସ୍ଥା ନେଇ ଦାବୀ କରିଥିଲେ ।

ଦିନକୁ ଦିନ ବିଜେଡି ପ୍ରତି ମହିଳାଙ୍କ ସମର୍ଥନ ବୃଦ୍ଧି ପାଉଥିବା ଦେଖିବକୁ ମିଳିଛି ।

ଆଜିଠୁ ୧୭ତମ ଓଡ଼ଗାଁ କ୍ରିକେଟ ଲିଗ୍

ଓଡ଼ଗାଁ ୦୬/୦୬(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନି ଷ୍ଟାଡିୟମରେ ରଘୁନାଥ ଆଥେଲେଟିକ ଆସୋସିଏସନ୍ ଦ୍ୱାରା ଆୟୋଜିତ ୧୭ତମ ଓଡ଼ଗାଁ କ୍ରିକେଟ ଲିଗ୍(ଓସିଏଲ) ରବିବାର ଶୁଭାରମ୍ଭ ହେବାକୁ ଯାଉଥିବା ବେଳେ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୩୨ ଦଳ ଅଂଶଗ୍ରହଣ କରିବେ।ଏବଂ ୧୦ ଦିନ ଧରି ଚାଲିବାକୁ ସ୍ଥିର ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ।

ଟୁର୍ଣ୍ଣାମେଣ୍ଟ ଉଦଘାଟନ ପୂର୍ବରୁ ଖେଳାଳି ମାନେ ସକାଳ ପ୍ରାୟ ୯ଟା ବେଳେ ଶ୍ରୀ ରଘୁନାଥ ଜୀଉଙ୍କ ଠାରୁ ମଶାଲ ଧରି ରଘୁନାଥ ଆଥେଲେଟିକ ଆସୋସିଏସନର ସମ୍ପାଦକ ତଥା ସ୍ଥାନୀୟ ଅଞ୍ଚଳରେ ଖେଳ ମଣିଷ ଭାବେ ଜଣାଶୁଣା ଦିବାକର ନାୟକ

ବିଧାୟକଙ୍କ ଦ୍ୱାରା ଜମିହୀନଙ୍କୁ ପଟ୍ଟା ବଣ୍ଟନ

ଅସନ୍ତୁଷ୍ଟ ହିତାଧିକାରୀ କଲେ ହଟଗୋଳ

କୁନ୍ଦୁରା, ୬।୬(ଆନିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ତହସିଲ କାର୍ଯ୍ୟାଳୟ ପରିସରରେ ବସୁନ୍ଧରା ଯୋଜନାରେ ଜମିହୀନଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ବିନୋଦ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୁପୁ ଭତ୍ରା ଯୋଗଦେଇ ବ୍ଲକର ୫୧ ଜଣ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ବଣ୍ଟନ କରିଛନ୍ତି । ଆବାସ ଯୋଜନା ହିତାଧିକାରୀଙ୍କ ପାଇଁ ସ୍ଥାୟୀ ଘର କରିବାକୁ ଘରଡିହ ପଟ୍ଟା ଆବଶ୍ୟକ ରହିଛି । ଏ ନେଇ ବସୁନ୍ଧରା ଯୋଜନାରେ ୪ ଡିସିମିଲ ଘର ଡିହ ଜମି ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଯୋଜନା ହୋଇଛି । ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ,ଜିଲ୍ଲା ପରିଷଦ ସଭ୍ୟା କନକ ଲତା ପେଣ୍ଡିଆ,ସାଂସଦ ପ୍ରତିନିଧି ଅପ୍ପୁ ପାତ୍ର,ଗ୍ରୀଭାନ୍ସ ସେଲ ସାଂସଦ ପ୍ରତିନିଧି ପ୍ରକାଶ ପଟ୍ଟନାୟକ, ସୁମିତ ସାହୁ, ଅଭିଳାଷ ବେହେରା, ତୁଷାର ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ ସମୁଦାୟ ୩୪୧ ଜଣଙ୍କ ପାଇଁ ଘର ଡିହ ପଟ୍ଟା ମଞ୍ଜୁର ହୋଇଥିବା ବେଳେ ଗତ ପରବ ସମୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଙ୍କ ଦ୍ୱାରା ୭ ଜଣ ହିତାଧିକାରୀଙ୍କୁ ଘର ଡିହ ପଟ୍ଟା ବଣ୍ଟନ କରାଯାଇଥିଲା । ସେଥିରୁ ଆଜି ବିଧାୟକ କୋଟପାଡ଼,ବ୍ଲକ ଉପାଧକ୍ଷ କୁନ୍ଦୁର। ଏବଂ ଜିଲ୍ଲାପରିଷଦ –୨ କୁନ୍ଦୁରା ଙ୍କ ଦ୍ୱାରା ୫୧ ଜଣ ହିତାଧିକାରୀଙ୍କୁ ଘର ଡିହ ପଟ୍ଟା ବଣ୍ଟନ କରାଗଲା । ଅନ୍ୟ ହିତାଧିକାରୀ ମାନଙ୍କୁ ଗାଁ ଗାଁରେ ଯାଇ ବଣ୍ଟନ କରାଯିବ ବୋଲି କହିଛନ୍ତି କୁନ୍ଦୁରା ତହସିଲଦାର ବିନୋଦ କୁମାର ନାଏକ।

ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ସମୟରେ ଏକ ଅପ୍ରିତିକାର ପରିସ୍ଥିତି ସୃଷ୍ଟି ହୋଇଥିଲା । ସ୍ଥାନୀୟ କାଳିଆକାଦ ଗ୍ରାମର କିଛି ଗ୍ରାମବାସୀ ଆସି ସେମାନଙ୍କ ଘରବାରୀ ପଟ୍ଟା ମାଗିଥିଲେ । ସମସ୍ତଙ୍କୁ ପଟ୍ଟା ବଣ୍ଟନ କରାଯାଉଛି, କିନ୍ତୁ ଆମେ ରହୁଥିବା ଘରବାରୀର ପଟ୍ଟା ଆମକୁ ଦିଆଯାଉନାହିଁ କାହିଁକି ବୋଲି ହଟଗୋଳ କରିଥିଲେ । କିଛି ମହିଳା ଷ୍ଟେଜ ଉପରକୁ ଚଢି ପାଟି ତୁଣ୍ଡ କରିଥିଲେ । ଏହାକୁ ନେଇ କୁନ୍ଦୁରା ତହସିଲଦାର ଏବଂ ବିଧାୟକ ସେହି ହଟଗୋଳ କରୁଥିବା ଗ୍ରାମବାସୀଙ୍କୁ ବୁଝାଇଥିଲେ ଯେ – ସେମାନେ ଯେଉଁ ଜାଗାରେ ବସବାସ କରୁଛନ୍ତି ତାହା ଉନ୍ନତ ଯୋଜନା ଯୋଗ୍ୟ (ଓଯେଯେ) କିସମରେ ରହିଛି ଯାହାର ପଟ୍ଟା ତହସିଲଦାର କିମ୍ବା ବିଧାୟକ କିମ୍ବା ଜିଲ୍ଲାପାଳ ଦେଇପାରିବେ ନାହିଁ । ଏଥିପାଇଁ ରାଜ୍ୟ ରାଜସ୍ୱ କାର୍ଯ୍ୟଳୟ ସ୍ତରରେ କିସମ ବଦଳାଇବା ପରେ ଘର ପଟ୍ଟା ଦେଇହେବ ବୋଲି ବୁଝାଇ କହିଥିଲେ । ଏତେ ସବୁ ବୁଝାଇବା ପରେ ମଧ୍ୟ ଅସନ୍ତୁଷ୍ଟ ଗ୍ରାମବାସୀ ହଟଗୋଳ ବନ୍ଦ କରିନଥିଲେ । ହଟଗୋଳ ଭିତରେ ହିଁ ୫୧ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରି କାର୍ଯ୍ୟକ୍ରମକୁ ଶେଷ କରାଯାଇଥିଲା । ବର୍ତମାନର ସୂଚନା ଅନୁସାରେ କାଳିଆକାଦ ଗ୍ରାମବାସୀ ବିଧାୟକ ଓ ତହସିଲଦାରଙ୍କ ବୁଝାଇଥିବା କଥାକୁ ତିଳେ ମାତ୍ର ବିଶ୍ୱାସକୁ ନେଇ ନାହାନ୍ତି । ଆମକୁ ଜାଣିଶୁଣି ଏମିତି ଅସୁବିଧା କରାଯାଉଛି, ଆମ ପିଲା ମାନଙ୍କ ପାଠ ପଢା ଠାରୁ ଆରମ୍ଭ କରି ଅନେକ ସରକାରୀ ସ୍ତରରେ ଆମେ ଘର ପଟ୍ଟା ନଥିବା ଯୋଗୁଁ ସବୁବେଳେ ଅସୁବିଧାର ସମ୍ମୁଖୀନ ହେଉଛୁ । ତେଣୁ ଆମେ ଆମର ଦାବୀ ପୂରଣ ପାଇଁ ତହସିଲ କାର୍ଯ୍ୟଳୟ ଘେରାଉ କରିବା ବ୍ୟବସ୍ଥା କରୁଛୁ ବୋଲି କାଳିଆକାଦ ଗ୍ରାମବାସୀ କହିଛନ୍ତି ।

ଭତ୍ତା ଟଙ୍କା ନପାଇ ଶତାଧିକ ହିତାଧିକାରୀ କୁନ୍ଦୁରା ବିଡ଼ିଓଙ୍କ ଦ୍ୱାରସ୍ତ

କୁନ୍ଦୁରା,୬।୬ (ଆନିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ରୁ ପ୍ରାୟ ଶତାଧିକ ଭତ୍ତା ହିତାଧିକାରୀ ମାନେ ଆଜି କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଡ଼ିଓଙ୍କୁ ସାକ୍ଷାତ କରି ବିଡ଼ିଓ ଙ୍କ ଜରିଆରେ କୋରାପୁଟ ଜିଲ୍ଲାପାଳ ଙ୍କୁ ଦାବୀପତ୍ର ଦେବା ନିମନ୍ତେ ଏକତ୍ରିତ ହୋଇଥିଲେ । ଏଥି ସହ ଆଜି କୋଟପାଡ଼ ବିଧାୟକ କୁନ୍ଦୁରା ଆସୁଛନ୍ତି ଏବଂ କୋରାପୁଟ ଜିଲ୍ଲାପାଳ ମଧ୍ୟ କୁନ୍ଦୁରା ଆସୁଥିବା ସୂଚନା ପାଇ ଏହି ଭତ୍ତା ହିତାଧିକାରୀ ମାନେ ନିଜ ନିଜ ଦୁଃଖ ଓ ସମସ୍ୟା ଜଣାଇବା ପାଇଁ ଆସିଥିବା କହିଛନ୍ତି ବିଧାୟକ ବ୍ଲକ କାର୍ଯ୍ୟାଳୟରେ ବସୁନ୍ଧରା ଯଜନାରେ ପଟ୍ଟା ବଣ୍ଟନ କରିବେ ଏବଂ ବ୍ଲକର ବିଭିନ୍ନ ସମସ୍ୟା ବୁଝିବାକୁ ଜିଲ୍ଲାପାଳ ଆସିବେ , ସେଠାରେ ବିଧାୟକଙ୍କୁ ଏବଂ ଜିଲ୍ଲାପାଳଙ୍କୁ ନିଜର ସମସ୍ୟା ବିଷୟରେ ଗୁହାରି ଜଣାଇବା ବୋଲି ଏହି ବୃଦ୍ଧା, ବିଧବା ମହିଳା ଓ ଦିବ୍ୟାଙ୍ଗ ମାନେ ଏକତ୍ରିତ ହୋଇଥିଲେ କିନ୍ତୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ତହସିଲ କାର୍ଯ୍ୟାଳୟ ରେ ରହିଥିଲା ତାହା ଶେଷ କରି ବିଧାୟକ କୋଟପାଡ଼ ଫେରି ଯାଇଥିଲେ । ଜିଲ୍ଲାପାଳ କୌଣସି କାରଣ ବଶତଃ କୁନ୍ଦୁରା ଆସିପାରିନଥିଲେ । ବିଧାୟକଙ୍କୁ ଓ ଜିଲ୍ଲାପାଳ ଙ୍କୁ ଭେଟି ନପାରି ନିରାଶ ହୋଇ ଏହି ଭତ୍ତା ହିତାଧିକାରୀ ମାନେ ଦାବିପତ୍ର କୁନ୍ଦୁରା ବିଡ଼ିଓ ଙ୍କୁ ଦେଇଥିଲେ। କୁନ୍ଦୁରା ବିଡ଼ିଓ ଦାବିପତ୍ର ଗ୍ରହଣ କରିବା ସହ ଆସନ୍ତା ୧୦ ତାରିଖ ସୁଦ୍ଧା ଯେଉଁମାନେ ବିଗତ ୩ ମାସ ହେଲା ଭତ୍ତା ପାଇନାହାନ୍ତି ସମସ୍ତେ ପାଇବେ ବୋଲି ଆଶ୍ୱାସନା ଦେଇ ଫେରାଇ ଥିଲେ ।

୧୦ ତାରିଖ ଭିତରେ ନମିଳିଲେ ଆମେ ମରିଯିବୁ ବାବୁ, ଚା ଦୋକାନ କିରାଣୀ ଦୋକାନ ରେ ଭତ୍ତା ମିଳିଲେ ଉଧାର ଟଙ୍କା ଦେବୁ ବୋଲି ବେଶି ବାକି ହୋଇଯାଇଛୁ ୩ ମାସ ହେଲା ଭତ୍ତା ମିଳିନାହିଁ, ଏବେ ୧୦ ତାରିଖରେ ଭତ୍ତା ନମିଳିଲେ ଆମେ ବହୁତ ଅସୁବିଧା ହେବୁ ବୋଲି କିଛି ବୃଦ୍ଧ ହିତାଧିକାରୀ ଅତି ଦୁଃଖ ର ସହ କହିଛନ୍ତି । ଆଉ କିଛି ହିତାଧିକାରୀ ୮୦ ବର୍ଷ ରୁ ଉର୍ଦ୍ଧ ହେଲାଣି ସେମାନଙ୍କୁ ବର୍ଦ୍ଧିତ ଭତ୍ତା ମିଳୁନାହିଁ ସେମାନେ ବି ଦୁଃଖ ପ୍ରକାଶ କରି କହିଲେ ଯେ – ଆମେ ଆଉ କେତେଦିନ ବଞ୍ଚିବୁ ଯେ ଭତ୍ତା ଖାଇବୁ ବୋଲି ଆଶା କରିବୁ । ଏ ମାସରେ ନାହିଁ ଆଇଲା ମାସରେ ମିଳିବ କହି କହି କେତେମାସ ବିତି ଗଲାଣି ହେଲେ ବର୍ଦ୍ଧିତ ଭତ୍ତା ମିଳୁନାହିଁ, କେବେ ମିଳିବ ଆଉ ମିଳିଲା ବେଳକୁ ଆମେ ବଞ୍ଚି ଥିବୁ କି ନାହିଁ ବୋଲି କିଛି ବୃଦ୍ଧ ହିତାଧିକାରୀ କହିଛନ୍ତି ।

ଏହି ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ହିତାଧିକାରୀ ମାନେ ପ୍ରାୟ ସକାଳ ୭ ଟା ସମୟରୁ ଆସି ଅପରାହ୍ନ ୩ ଟା ପର୍ଯ୍ୟନ୍ତ କୁନ୍ଦୁରା ବ୍ଲକ ସମ୍ମୁଖରେ ଏବଂ ବ୍ଲକ ଭିତରେ ଏ ଉଦୁଉଦିଆ ଖରାରେ ଅପେକ୍ଷା କରିଥିଲେ କିନ୍ତୁ ଦୁଃଖର ବିଷୟ କୁନ୍ଦୁରା ବ୍ଲକ ପ୍ରଶାସନ ଏହି ଅସହାୟ ବୃଦ୍ଧ ଦିବ୍ୟାଙ୍ଗଙ୍କ ପାଇଁ ମାନବିକତା ଦୃଷ୍ଟିରୁ ପାଣି ମୁଁନ୍ଦାଏ ର ବ୍ୟବସ୍ଥା କରିନଥିଲେ । ସ୍ୱେଚ୍ଛାସେବୀ ସଦସ୍ୟ ମାନେ ଏହି ଅସହାୟ ବୃଦ୍ଧ ମା ଓ ଦିବ୍ୟାଙ୍ଗଙ୍କୁ କିଛି ପାଣି ଓ ବିସ୍କୁଟ ଦେବାର ବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଥିଲା ।

ଜଳ ଯୋଗାଣ ବିଭାଗର ମନମୁଖୀ ନୀତି ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଛି

ଚିକିଟୀ,୬।୬ (ଆନିସ): ଜଳ ଯୋଗାଣ ବିଭାଗର ଅବ୍ୟବସ୍ଥିତ ଓ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ସାଧାରଣ ଜନତା ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ପାଇପ୍ ବିଛାଇବା ଏବଂ ମରାମତି କାମ ନାମରେ ବିଭିନ୍ନ ସ୍ଥାନରେ ଖୋଳା ଯାଇଥିବା ପୂର୍ତ୍ତ ବିଭାଗର ରାସ୍ତାଗୁଡ଼ିକ ଏବେ ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ଚିକିଟୀ ବ୍ଲକ କଳବାଡ ପଞ୍ଚାୟତ ଅନ୍ତର୍ଗତ ମୈସାଣପୁର ନିକଟରେ ଥିବା ବାହୁଦା ସେତୁ ନିକଟରେ ଜଳ ଯୋଗାଣ ପାଇଁ ରାସ୍ତା ଖୋଳି କାମ କାମ କରିଥିଲେ। ପରବର୍ତ୍ତୀ ସମୟରେ ପାଇପ ବିଛାଇ ଗାତଗୁଡ଼ିକୁ ଠିକ୍ ଭାବରେ ପୋତା ଯାଇନଥିଲେ। ଫଳରେ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହେଉଛି। ଉକ୍ତ ଖାଲ ବର୍ତମାନ ଏହି ରାସ୍ତା ଦେଇ ଯାଇଥିବା ଯାନବାହନ ଚଳାଚଳରେ ବ୍ୟାଘାତ ହେବା ସହିତ ଅତ୍ୟନ୍ତ ବିପଦଜନକ ପରିସ୍ଥିତି ସୃଷ୍ଟି କରୁଛି।

ଏପରିକି ଏହି ସ୍ଥାନରେ ଛୋଟ ବଡ଼ ଦୁର୍ଘଟଣା ଘଟିଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ତଥାପି ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଏହାକୁ ଗୁରୁତ୍ୱ ଦେଉନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପାତ୍ରପୁର ଜଳ ଯୋଗାଣ ଅଧିକାରୀଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ପାରିନଥିବା ବେଳେ ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିବାରୁ ଜଳ ଯୋଗାଣ ବିଭାଗ ରାସ୍ତା ଖୋଳିବା ପାଇଁ ପୂର୍ତ୍ତ ବିଭାଗ ପାଖରେ କୌଣସି ଅନୁମତି ନେଉ ନାହାନ୍ତି। ଯେଉଁଠି ପଡ଼ିଲା ସେଇଠି ମନମୁଖୀ ରାସ୍ତା ଖୋଳି ପାଇପ ବିଛାଇ ସେଠାରେ ଠିକ୍ ଭାବରେ ରାସ୍ତା ନିର୍ମାଣ କରୁନଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ଜଳ ଯୋଗାଣ ବିଭାଗ ଓ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଏଭଳି ସମସ୍ୟା ଉପୁଜୁଛି। ଖୋଳାଯାଇଥିବା ରାସ୍ତାକୁ ତୁରନ୍ତ ମରାମତି କରିବା ସହ ଭବିଷ୍ୟତରେ ଏପରି ଅବ୍ୟବସ୍ଥା ନ ହେବା ପାଇଁ ଦୃଢ଼ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଦାବି ଜୋର ଧରିଛି। ତେବେ ଖବର ପ୍ରସାରଣ ପରେ ଚିକିଟୀ ଓ ପାତ୍ରପୁର ବ୍ଲକର ଜନସାଧାରଣଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ପ୍ରଶାସନ କେବେ ଏହି ସମସ୍ୟାର ସମାଧାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ଆସିକା ବନାଞ୍ଚଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ

ଆସିକା,୬।୬ (ଆନିସ): ଦକ୍ଷିଣ ଘୁମୁସର ବନଖଣ୍ଡ ଏ ସି ଏଫ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଆସିକା ବିଜ୍ଞାନ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ପରିବେଶ ଦିବସ ୨୦୨୬ଅନୁଷ୍ଠିତ ହୋଇଯାଇଛି।ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବନ ସୁରକ୍ଷା ଓ ପରିବେଶ ସନ୍ତୁଳନ ନିମନ୍ତେ ଉପସ୍ଥିତ ଅତୀତ ଓ ଅଭିଜ୍ଞ ପରିବେଶବିତ ମାନେ ମତ ଉପସ୍ଥାପନା କରିଥିଲେ।କଲେଜ ପରିସରରେ ୫୦ରୁ ଉର୍ଦ୍ଧ ଗଛ ଲଗାଇବା ସହିତ ବଢିଲେ ବନ ବଞ୍ଚେ ଜନ ଏଭଳି ଏକ ବାର୍ତ୍ତାକୁ ସ୍ଲୋ ଗାନ ମାଧ୍ୟମରେ ପ୍ରକମ୍ପିତ ହୋଇଥିଲା ସମ୍ମିଳନୀ କକ୍ଷ। ଦକ୍ଷିଣ ଘୁମୁସର ବନାଞ୍ଚଳର ସମସ୍ତ ଅଧିକାରୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ପାଇଁ ଆଜି ବିଶ୍ୱ ପରିବେଶ ଦିବସରେ ଉପସ୍ଥିତ ବ୍ୟକ୍ତି ବିଶେଷ ମାନେ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତୀତ ଭାବେ ବିଧାୟକ ପ୍ରତିନିଧି ସଙ୍ଗୀତ ପାଢ଼ୀ, ଜି ଉଦୟଗିରି ଫରେଷ୍ଟ ଟ୍ରେନିଂ ସ୍କୁଲ ଏସିଏଫ କଳ୍ପନା ନାୟକ, ପରିବେଶବିତ ଶୂଳପାଣି ଶତପଥି, ମୟୁର ସୁରକ୍ଷା କମିଟି ସଦସ୍ୟ ସମୀର ପ୍ରଧାନ, ଆସିକା ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟାପକ ସରୋଜ କୁମାର ପଣ୍ଡା, ସୋରଡ଼ା ବନ ବିଭାଗ ଏସିଏଫ ନିହାର ରଞ୍ଜନ ମଲ୍ଲିକ, ବୁଗୁଡ଼ା ରେଞ୍ଜର ମାନସ ରଞ୍ଜନ ସାହୁ,ବଡଗଡ଼ ରେଞ୍ଜର ଅଞ୍ଜନ କୁମାର ନାୟକ, ପୋଲସରା ରେଞ୍ଜର ଅନିଲ କୁମାର ପଣ୍ଡା, ଆସିକା ଫରେଷ୍ଟର ଶରତ ଚନ୍ଦ୍ର ବେହେରା, ଶେରଗଡ଼ ଫରେଷ୍ଟର ରାଜେନ୍ଦ୍ର କୁମାର ଗୌଡ଼, ଧରାକୋଟ ଫରେଷ୍ଟର ଲାଙ୍କୁ ଶବର, ଷଡଙ୍ଗୀପଲ୍ଲୀ ଫରେଷ୍ଟର ପି ସୁରଜ କୁମାର ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିବା ସହିତ ବିଶ୍ୱ ପରିବେଶ ଉପରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା।

ବିଶ୍ୱ ପରିବେଶ ଦିବସ ଅବସରରେ ବୃକ୍ଷରୋପଣ ଓ ସଚେତନତା ରାଲି ଅନୁଷ୍ଠିତ

କୋଟଗଡ଼, ୬।୬ (ଆନିସ):ବିଶ୍ୱ ପରିବେଶ ଦିବସ ଅବସରରେ କୋଟଗଡ ସ୍ଥିତ ସିଆରପିଏଫ୍ କ୍ୟାମ୍ପ ପରିସରରେ ଏକ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଟଗଡ ବନାଞ୍ଚଳର ବନ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ବୈଷୟିକ ସହାୟତା ପ୍ରଦାନ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ କୋଟଗଡ ବନାଞ୍ଚଳର ସମସ୍ତ କର୍ମଚାରୀ, କୋଟଗଡ ସିଆରପିଏଫ୍ କ୍ୟାମ୍ପର ଯବାନମାନେ ଏବଂ କୋଟଗଡ ଥାନାର ପୁଲିସ କର୍ମଚାରୀମାନେ ଯୋଗଦାନ କରିଥିଲେ। ସମୁଦାୟ ୨୦୦ଟି ଚାରାରୋପଣ କରାଯାଇଥିଲା।

ଏହି ଅବସରରେ ସମସ୍ତ ଉପସ୍ଥିତ ସଦସ୍ୟ ଜଙ୍ଗଲ ଓ ପରିବେଶର ସୁରକ୍ଷା, ସଂରକ୍ଷଣ ଏବଂ ସବୁଜ ପରିବେଶ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ଏହା ସହିତ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା।

ବିଶ୍ୱ ପରିବେଶ ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା ପ୍ରତି ସାମୂହିକ ଦାୟିତ୍ୱବୋଧକୁ ଦୃଢ଼ କରିବା ସହ ସବୁଜ ଓ ସୁସ୍ଥ ପରିବେଶ ଗଠନ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ଭାବେ ପରିଗଣିତ ହୋଇଛି।

କାଜୁ ବ୍ୟବସାୟୀଙ୍କ ଠାରୁ କାୟତି ମାମଲାରେ ୫ ଗିରଫ

ଜୟପୁର,୬।୬ (ଆନିସ): ରକ୍ଷକ ସାଜିଲା ଭକ୍ଷକ। ମାତ୍ର ୨ ହଜାର ଟଙ୍କା ପାଇଁ ମାଲିକଙ୍କ ଉପରେ ଆକ୍ରମଣ କରି ଲୁଟପାଟ ଘଟଣାର ଷଡ଼ଯନ୍ତ୍ର ରଚିଥିଲା ନିଜ ଗୁମାସ୍ତା। ଏହି ଘଟଣାରେ ଜୟପୁର ସଦର ଥାନା ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜୟପୁର ସହରର କାଜୁ ବ୍ୟବସାୟୀ କେ. ଅମରନାଥ ଓ ଏସ୍. ବୈକୁଣ୍ଠମଙ୍କର ସଦର ବ୍ଲକର କେବିଡ଼ି ଅଞ୍ଚଳରେ ଏକ କାଜୁ ପ୍ରୋସେସିଂ ୟୁନିଟ୍ ରହିଛି। ଗତ ମେ' ୩୦ ତାରିଖ ରାତିରେ ସେମାନେ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ କୁମୁଲିପୁଟ ପଞ୍ଚାୟତର ଦଣ୍ଡସେନାଗୁଡ଼ା ନିକଟରେ ୫ ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇଥିଲେ। ପରେ ମାଡ଼ ମାରିବା ସହ ନଗଦ ଟଙ୍କା, ସୁନା ମୁଦି ଓ ସୁନା ଚେନ୍ ଲୁଟି ନେଇ ଫେରାର ହୋଇଯାଇଥିଲେ। ଘଟଣା ପରେ ବ୍ୟବସାୟୀମାନେ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଥିଲା। କାଜୁ ମିଲରେ ଗୁମାସ୍ତା ଭାବେ କାମ କରୁଥିବା ଡମ୍ବରୁଧର ମାଝୀ ମାଲିକଙ୍କୁ ୨ ହଜାର ଟଙ୍କା ଧାର ମାଗିଥିଲେ। ମାଲିକ ଟଙ୍କା ଦେବାକୁ ମନା କରିବାରୁ ସେ ରାଗିଯାଇ ସହଯୋଗୀମାନଙ୍କ ସହ ମିଶି ଲୁଟପାଟ ଯୋଜନା କରିଥିଲେ ଏବଂ ମାଲିକଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେଇ ଆକ୍ରମଣ କରାଇଥିଲେ। ପୁଲିସ ଏହି ମାମଲାରେ ଦଣ୍ଡସେନାଗୁଡ଼ାର ଡମ୍ବରୁଧର ମାଝୀ, ଫୁଲୁଗାଁର ରମେଶ ହରିଜନ ଓରଫ ଆଲୋକ, ଟୁକୁନା ହରିଜନ, ଦୈତାରୀ ହରିଜନ ଓ ପ୍ରଫୁଲ୍ଲ ନାୟକଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଲୁଟ୍ ସାମଗ୍ରୀ, ମୋବାଇଲ ଫୋନ ଓ ଘଟଣାରେ ବ୍ୟବହୃତ ବାଇକ ଜବତ କରାଯାଇଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ପଠାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଓ ତାଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଜୟପୁର ସଦର ଥାନା ଅଧିକାରୀ ସଜିନ୍ଦ୍ର ପ୍ରଧାନ ଗଣମାଧ୍ୟମ ଙ୍କୁ ସୂଚନା ଦେଇଛି

ଦୈନିକଆଶା ପ୍ରଭାବ

ଡେରାଗୁମ୍ଫାର ଦୁଇ ସାହିରେ ଲାଗିଲା ନୂଆ ନଳକୂପ

ମୁନିଗୁଡା,୬।୬(ଆନିସ) ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ଡେରାଗୁମ୍ଫା ଗ୍ରାମରେ ଦୀର୍ଘଦିନ ଧରି ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ପଦକ୍ଷେପ ନେଇଛି। ଗ୍ରାମର ଦୁଇଟି ସାହିରେ ପାନୀୟ ଜଳ ଅଭାବ ନେଇ ଦୈନିକଆଶା ଦୈନିକ ଖବର କାଗଜରେ ଖବର ପ୍ରକାଶ ପାଇବା ପରେ ସମ୍ପୃକ୍ତ ବି

ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରରେ ବିଶ୍ୱ ପରିବେଶ ଦିବସ ପାଳିତ

ସୃଷ୍ଟିକର୍ତ୍ତାଙ୍କ ଅନବଦ୍ୟ ଏ ସୁନ୍ଦର ବିଶ୍ୱର ସୁରକ୍ଷା ଆମ ମାନଙ୍କର ପରମ କର୍ତ୍ତବ୍ୟ: ମୁଖ୍ୟ ଅତିଥି

ନୟାଗଡ, ୬/୬ (ଆନିସ): ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ସଂପାଦକ ସମାଜସେବୀ ଶ୍ରୀଧର ସାହୁଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ଅନେକ ଔଷଧୀୟ ଗଛ ଯଥା ଅଶୋକ, ଅର୍ଜୁନ, କରଂଜ, ତୁଳସୀ ଆଦି ଗଛ ରୋପଣ କରିବା ସହିତ କିଛି ଫୁଲ ଗଛ ଲଗା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଅଶୋକ କୁମାର ନାୟକ ଯୋଗଦେଇ ବିଶ୍ୱ ପରିବେଶ ଦିବସ ବିଷୟରେ ଆଲୋଚନା କରିବା ସହିତ ସୃଷ୍ଟିକର୍ତ୍ତାଙ୍କ ଅନବଦ୍ୟ ଏ ସୁନ୍ଦର ସୃଷ୍ଟିର ସୁରକ୍ଷା ଆମ ମାନଙ୍କ ପରମ କର୍ତ୍ତବ୍ୟ ବୋଲି କହିଥିଲେ। ଆଜିର ଦିନରେ ମହାବାତ୍ୟା,ଭୂକମ୍ପ, ମାଟି ,ପାଣି ,ବାୟୁ ପ୍ରଦୂଷଣ, ଅନିୟନ୍ତ୍ରିତ ତାପ ବୃଦ୍ଧି, ବନ୍ୟା, ଅନିୟମିତ ବୃଷ୍ଟିପାତ, ଦୁରାରୋଗ୍ୟ ବ୍ୟାଧିର ବୃଦ୍ଧି, ସମୁଦ୍ରର କାୟା ବିସ୍ତାର, ସବୁଜ ଗୃହର ପ୍ରଭାବ ହେତୁ ଓଜୋନ ସ୍ତରର ଛିଦ୍ର ବୃଦ୍ଧି ଜନିତ ଅସନ୍ତୁଳିତ ପରିବେଶ , ସର୍ବୋପରି ଜଳବାୟୁ ପରିବର୍ତ୍ତନ ହେତୁ ସାମଗ୍ରିକ ସ୍ୱାସ୍ଥ୍ୟ ହାନି ମନୁଷ୍ୟ ସମେତ ସମସ୍ତ ଜୀବ ଜଗତ ତିଷ୍ଠି ରହିବା ପ୍ରଶ୍ନ ବାଚୀ ସୃଷ୍ଟି କଲାଣି ବୋଲି ଆଲୋଚନା ହୋଇଥିଲା। ଏ ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦେବା ସହିତ ନିଜେ ବ୍ୟବହାର ନ କରିବାକୁ ଉପସ୍ଥିତ ଗୁରୁଜୀ ଗୁରୁମା ମାନେ ସଂକଳ୍ପ ନେଇଥିଲେ। ବୃକ୍ଷ ରୋପଣ ଓ ବ୍ୟାପକ ଜଙ୍ଗଲ ବୃଦ୍ଧି କରିବା, ଜଳ ସମ୍ପଦର ସଂରକ୍ଷଣ ସହ ପ୍ରଦୂଷଣକୁ ରୋକିବା, ଶକ୍ତି ସଂରକ୍ଷଣ ସହ ବିକଳ୍ପ ଶକ୍ତିକୁ ଆପଣେଇବା, ବାୟୁ ପ୍ରଦୂଷଣକୁ ରୋକ୍ ଲଗାଇବା, ମୃତ୍ତିକାର ସଂରକ୍ଷଣ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ଶୀଳ ହେବା, ସର୍ବୋପରି ପ୍ରକୃତିର ବନ୍ଧୁ ହୋଇ ତାର ସୁରକ୍ଷାରେ ମନୋନିବେଶ କରିବା ଆଦି ବିଷୟକୁ ଶ୍ରେଣୀ ଗୃହ ଶିକ୍ଷା ଦାନରେ ଗୁରୁତ୍ୱ ଦେବା ପାଇଁ ଗୁରୁଜୀ ଗୁରୁମା ମାନଙ୍କୁ ଅତିଥି ମାନେ ପରାମର୍ଶ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଯୁଗ୍ମ ସଂପାଦକ ସନ୍ତୋଷ କୁମାର ନାୟକ,ବିଦ୍ୟାଳୟର ଟ୍ରଷ୍ଟି ଗାୟତ୍ରୀ ମହାପାତ୍ର, ଜଗତ କଲ୍ୟାଣ କାଶ୍ୟପ, ପ୍ରିୟମ୍ବଦା ଗୁରୁମା, ଅର୍ଚ୍ଚନା ଗୁରୁମା, ସସ୍ମିତା ଗୁରୁମା, କାଳିଆ ଭାଇ ଓ ମହେନ୍ଦ୍ର ଭାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ସମସ୍ତ ଗୁରୁଜୀ ଗୁରୁମା ମାନେ ସହଯୋଗ କରି ଥିଲେ।

ଦୁଇଦିନିଆ ସାମ୍ବିଧାନିକ ସମ୍ମିଳନୀ ଉଦଯାପିତ

ଅଲୋଷ୍ଟାର ସାଧାରଣ ସମ୍ପାଦକ ହେଲେ ସୁକାନ୍ତ ବେହେରା

ନୟାଗଡ଼, ୬/୬ (ଆନିସ):ଗତ ଦୁଇଦିନ ଧରି ଚାଲିଥିବା ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଆଲୋଷ୍ଟା)ର ୩୨ ତମ ରାଜ୍ୟସ୍ତରୀୟ ଦୁଇ ଦିନିଆ ସାମ୍ବିଧାନିକ ସମ୍ମିଳନୀ ଓ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୩୭ ତମ ଶ୍ରାଦ୍ଧ ବାର୍ଷିକୀ ଆଲୋଚନା ଚକ୍ର ଆଜି ଉଦଯାପିତ ହୋଇଯାଇଛି। ଏଥିରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନିର୍ବାଚନ ପ୍ରକ୍ରିୟାରେ ପୁରୀ ଜିଲ୍ଲାର ସୁକାନ୍ତ କୁମାର ବେହେରା ତୃତୀୟ ଥର ପାଇଁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ସେହିପରି ସଭାପତି ଭାବେ ଯାଜପୁରର ନିର୍ମଳା ପଣ୍ଡା ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଜୟପ୍ରକାଶ ପଣ୍ଡା, କବିରାଜ ବିଶ୍ୱାଳ ଏବଂ ଧନେଶ୍ୱର ପାତ୍ର ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଯୁଧିଷ୍ଠିର ପ୍ରଧାନ, କୋଷାଧକ୍ଷ ସୁଦର୍ଶନ ସ୍ୱାଇଁ ନିର୍ବାଚିତ ହୋଇଥିବା ବେଳେ ମୁଖ୍ୟ ଉପଦେଷ୍ଟା ଭାବେ ଜଗବନ୍ଧୁ ଜେନା ଏବଂ ଉପମୁଖ୍ୟ ଉପଦେଷ୍ଟା ଭାବେ ବିକ୍ରମ କୁମାର ଦାସ ରହିଛନ୍ତି। ଚଳିତ ବର୍ଷ ଅନୁଷ୍ଠିତ ଏହି ନିର୍ବାଚନରେ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଭାବେ ୭ ଜଣ ଉପସଭାପତି, ୯ଜଣ ଯୁଗ୍ମ ସମ୍ପାଦକ, ଦୁଇ ଜଣ ସବ ଏଡିଟର ଏବଂ ଦୁଇଜଣ ଉପଦେଷ୍ଟା ରହିଛନ୍ତି। ଆଗାମୀ ୩ବର୍ଷ ପାଇଁ ଏହି କର୍ମକର୍ତ୍ତା କାର୍ଯ୍ୟ କରିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଯୋଗ୍ୟ ଯେ ଗତ ଦୁଇଦିନ ଧରି ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନ ତଥା ଏସ.ଏ.ସୋଲେମାନ ମଣ୍ଡପରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଏବଂ ଆଲୋଚନା ଚକ୍ରର ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦାନ କରି ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ଧୂପପୁଷ୍ପ ଏବଂ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସଭା.ପତି ବିକ୍ରମ କୁ.ମାର ଦା.ସଙ୍କ ପୌରୋ.ହିତ୍ୟରେ ଆୟୋଜିତ ଏହି ଉଦଘାଟନ ସଭାରେ ଅନ୍ୟତମ ଅତିଥି ଭାବେ ଏସଟିଏଫଆଇ ଯୁଗ୍ମ ସମ୍ପାଦକ ସୁକୁମାର ସେନ, ଶିକ୍ଷକ ନେତା ପ୍ରାଧାପକ ସୁରେନ୍ଦ୍ର କୁମାର ଜେନା, ସମାଜସେବୀ ବିଶ୍ୱନାଥ ମହାପାତ୍ର ଏବଂ ଉପଦେଷ୍ଟା ଜଗବନ୍ଧୁ ଜେନା ପ୍ରମୁଖ ଯୋଗଦାନ କରି ପ୍ରାଥମିକ ସ୍ତରରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ନିଯୁକ୍ତ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଷ୍ଟ ସାଧାରଣ ସମ୍ପାଦକ ଅତିଥି ପରିଚୟ ପ୍ରଦାନ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ।

ସେହିପରି ଦ୍ୱିତୀୟ ଦିବସ ଅଧିବେଶନରେ ଏକ ଶିକ୍ଷା ସେମିନାର ଓଡ଼ିଶାରେ ମିଳିତ ଶିକ୍ଷକ ଆନ୍ଦୋଳନ ଏବଂ ଏହାର ପ୍ରଭାବ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।। ଏଥିରେ ଆଲୋଚକ ଭାବେ ରାଜ୍ୟ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର,ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ,ଏସ.ଟି. ଏଫ.ଆଇ ଉପ ସଭା.ପତି ପ୍ରକା.ଶ ଚନ୍ଦ୍ର ମହାନ୍ତି,୬୬୨ବର୍ଗ କଲେଜ ଶିକ୍ଷକ ଏବଂ କର୍ମଚାରୀ ସଂଘ ସଭାପତି ଗୋଲକ ନାୟକ, ୪୪୮ବର୍ଗ ଅଧ୍ୟାପକ ଓ କର୍ମଚାରୀ ସଂଘ ସଭାପତି ପବିତ୍ର କୁମାର ମହଲା ପ୍ରମୁଖ ଅଂଶ ଗ୍ରହଣ କରି ମିଳିତ ଶିକ୍ଷକ ଆନ୍ଦୋଳନ ଦ୍ୱାରା ହିଁ ସରକାରଙ୍କ ଠାରୁ ଦାବି ହାସଲ ସମ୍ଭବ ବୋଲି ମତବ୍ୟକ୍ତ କରିବା ସହିତ ଶିକ୍ଷକ ସମାଜ ଏକଜୁଟ ହୋଇ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱର୍ଗତ ବନମାଳୀ ବ୍ରହ୍ମଚାରୀ, ଅବନୀ ବରାଳ ଏବଂ ଏସ.ଏ.ସୋଲେମାନଙ୍କ ନୀତି ଆଦର୍ଶରେ ସମସ୍ତ ଶିକ୍ଷକ ସଂଗଠନ ଅନୁପ୍ରାଣିତ ହେବା ପାଇଁ ମତ ପ୍ରକାଶ ପାଇଥିଲା। ଅନ୍ତିମ ଅଧିବେଶନରେ ପୁରାତନ କମିଟିକୁ ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇ ନବ ନିର୍ବାଚିତ କର୍ମକର୍ତ୍ତା ଏବଂ ସଦସ୍ୟ ମାନଙ୍କ ଶପଥ ପାଠ କରାଯାଇଥିଲା। ଶେଷରେ ସଂଘୀୟ ପତାକା ଅବତରଣ ସହିତ ସମ୍ମିଳନୀ ଉଦଯାପିତ ହୋଇଥିଲା। ଦୁଇଦିନିଆ ଏହି ରାଜ୍ୟସ୍ତରୀୟ ସାମ୍ବିଧାନିକ ସମ୍ମିଳନୀରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରୁ ଏକ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।

ଭୁବନେଶ୍ୱରରେ ଘଡ଼ଘଡ଼ି ସହ ବର୍ଷା, ଜନଜୀବନ ପ୍ରଭାବିତ

ଭୁବନେଶ୍ୱର: ରାଜଧାନୀ ଭୁବନେଶ୍ୱରରେ ଶନିବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟା ବେଳେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ହଠାତ୍ ଆକାଶ ମେଘାଚ୍ଛନ୍ନ ହେବା ସହ ବର୍ଷା ଓ ଘଡ଼ଘଡ଼ି ଆରମ୍ଭ ହୋଇଥିଲା। କିଛି ସ୍ଥାନରେ କୁଆପଥର ମାଡ଼ ମଧ୍ୟ ହୋଇଥିଲା। ଏହା ଫଳରେ ସହରର ବିଭିନ୍ନ ଅଞ୍ଚଳରେ ଜନଜୀବନ କିଛି ସମୟ ପାଇଁ ପ୍ରଭାବିତ ହୋଇଥିଲା। ଆଜିର ଏହି କାଳବୈଶାଖୀ ନେଇ ମୌସୁମୀ ବାୟୁ ଠାରୁ ଅଧିକ ଆଶା କରାଯାଉଛି। ଆଗାମୀ ୬ରୁ ୮ଦିନ ଭିତରେ ଓଡ଼ିଶାରେ ମୌସୁମୀ ବାୟୁ ପହଞ୍ଚିପାରେ। ଅଦିନିଆ ବର୍ଷା ମୌସୁମୀ ବାୟୁକୁ ଆଗକୁ ବଢ଼ାଇପାରେ। କାଳବୈଶାଖୀ ଯୋଗୁଁ ଅନେକ ସ୍ଥାନରେ ବଡ଼ବଡ଼ ଗଛର ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଛି। ଏଥିଯୋଗୁଁ କେତେକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ବିଦ୍ୟୁତ ତାର କ୍ଷତିଗ୍ରସ୍ତ ହେବାରୁ କିଛି ଅଞ୍ଚଳରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି। ଅନ୍ୟପଟରେ ବର୍ଷା ଯୋଗୁଁ ଗ୍ରୀଷ୍ମ ପ୍ରବାହରୁ ଲୋକମାନେ ସାମୟିକ ଆଶ୍ୱସ୍ତି ପାଇଥିଲେ ମଧ୍ୟ ଘଡ଼ଘଡ଼ି ଓ ଝଡ଼ୋ ପବନ ଯୋଗୁଁ ସାଧାରଣ ଲୋକଙ୍କ ମଧ୍ୟରେ ସତର୍କତା ଦେଖିବାକୁ ମିଳିଥିଲା। ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ଦିନଗୁଡ଼ିକରେ ମଧ୍ୟ ରାଜ୍ୟର କିଛି ଅଞ୍ଚଳରେ କାଳବୈଶାଖୀ ଜନିତ ବର୍ଷା ଓ ବଜ୍ରପାତର ସମ୍ଭାବନା ଥିବାରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ନୟାଗଡ଼ର ଜୀବନରେଖା ବୃତ୍ତଙ୍ଗ ପ୍ରକଳ୍ପର ଅନୁଧ୍ୟାନ କଲେ ଜିଲା ସାମ୍ବାଦିକ ସଂଘ

କ୍ୟାବିନେଟ ମଞ୍ଜୁରୀ ଅପେକ୍ଷାରେ

ଚାଷୀଙ୍କୁ ମିଳିବ ଜୀବିକା **ଜିଲ୍ଲା ପାଇବ ବିଦ୍ୟୁତ**

- ୧୦ ମେଗାୱାଟ ବିଦ୍ୟୁତ ଉତ୍ପାଦିତ ହେବ
- ୨୩୩୦୦ ହେକ୍ଟର ଜମି ଜଳସେଚିତ ହେବ

୨୦୩୦ରେ ପ୍ରକଳ୍ପ କାର୍ଯ୍ୟ ସରିବ

ନୟାଗଡ, ୬/୬: ଦୀର୍ଘ ୬୫ ବର୍ଷ ହେଲା ନୟାଗଡ ଜିଲ୍ଲାରେ ବୃତ୍ତଙ୍ଗ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେବ ହେବ ବୋଲି କୁହାଯାଉଛି । ଏହି ପ୍ରକଳ୍ପ ନୟାଗଡ ଜିଲ୍ଲାର ଜୀବନରେଖା ପାଲଟିବ । ଏହି ପ୍ରକଳ୍ପ ଦ୍ୱାରା ବହୁ ଚାଷୀ ଉପକୃତ ହେବାକୁ ଥିବାବେଳେ ନୟାଗଡ ବିଦ୍ୟୁତ ଅଭାବରେ ପେଶି ହେଉଥିବାବେଳେ ଜିଲ୍ଲାକୁ ୧୦ ମେଗାୱାଟ ବିଦ୍ୟୁତ ବି ମିଳିବ । ଗୋଟିଏ ପଟେ ବିଦ୍ୟୁତ ସମସ୍ୟାରେ ପେଶି ହୋଇଯାଉଥିବା ନୟାଗଡ ଜୀବନ ପାଇବ । ଅନ୍ୟପଟେ ଜଳସେଚନ ଅଭାବରେ ଷଡ଼ୁଥିବା ନୟାଗଡ ଚାଷୀଙ୍କୁ ଚାଷ ପାଇଁ ଜୀବିକା ମିଳିବ । ଏବେ ୬୫ ବର୍ଷର ଅନ୍ତ ଘଟିବାକୁ ଯାଉଛି । ଆଉ ୩ ବର୍ଷ ଅପେକ୍ଷା କରିବାକୁ ପଡିବ । ବର୍ତ୍ତମାନ ଏହି ପ୍ରକଳ୍ପ କ୍ୟାବିନେଟ ମଂଜୁରୀ ଅପେକ୍ଷାରେ ରହିଛି ବୋଲି ଶୁକ୍ରବାର ଉକ୍ତ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ରମେଶ ବେହେରା ନୟାଗଡ ଜିଲ୍ଲା ସାମ୍ବାଦିକ ସଂଘର ଏକ ପ୍ରତିନିଧି ଦଳକୁ ଭରସା ଦେଇଛନ୍ତି । ଉକ୍ତ ଯୋଜନାର ରୂପରେଖ ଓ କାର୍ଯ୍ୟ କେତେଦୂର ଆଗେଇଛି ତାହା ଦେଖିବାକୁ ସମ୍ପୃକ୍ତ ସ୍ଥାନକୁ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ୧୧ ଜଣିଆ ପ୍ରତିନିଧି ଦଳ ଯାଇଥିଲେ । ଦଶପଲ୍ଲା ବ୍ଲକର ଟାକରା ପଞ୍ଚାୟତ ମଂଜାରୀ ଗ୍ରାମ ନିକଟରେ ଏହି ପ୍ରକଳ୍ପ ନିର୍ମାଣ ହେବ । ମଂଜାରୀ ଗାଁ ପାଖରେ ବହିଯାଇଛି ବୃତ୍ତଙ୍ଗ ନଦୀ । ସେଠାରେ ପ୍ରକଳ୍ପର କୌଣସି କାର୍ଯ୍ୟ ହୋଇନାହିଁ । ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ବେହେରାଙ୍କୁ ଭେଟି ଉକ୍ତ ଯୋଜନା କିଭଳି ଅଗ୍ରଗତି ହୋଇଛି ଓ କେଉଁ ପରିସ୍ଥିତିରେ ରହିଛି ତାଙ୍କ ସହିତ ବିଷଦ ଆଲୋଚନା କରିଥିଲେ । ମୁଖ୍ୟଯନ୍ତ୍ରୀ କହିଥିଲେ ଯେ, ୨୦୩୦ ସୁଦ୍ଧା ବୃତ୍ତଙ୍ଗ ଜଳସେଚନ ଯୋଜନା ସମାପ୍ତ ହେବ । ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ୨୮୨ କୋଟି ଟଙ୍କାର ଟେଣ୍ଡର ହୋଇଛି । ଏଥିରେ ସ୍ପିଲ ୱେ ନିର୍ମାଣ ହେବ । ଏଥିପାଇଁ ସରକାର ୮ ଓଏଏସ ଅଫିସରଙ୍କୁ ନିଯୁକ୍ତ କରିଛନ୍ତି । ଉକ୍ତ ପ୍ରକଳ୍ପ କ୍ୟାବିନେଟ ମଂଜୁରୀ ଅପେକ୍ଷାରେ ରହିଛି । ପୂର୍ବରୁ ଜଙ୍ଗଲ ଓ ପରିବେଶ ମଂଜୁରୀ ପାଇଁ ୩୮୦ କୋଟି ଟଙ୍କା ଜଙ୍ଗଲ ବିଭାଗକୁ ପ୍ରଦାନ କରାଯାଇଛି । ଏହି ଗ୍ରାମର ୪୧ଟି ଗାଁରେ ପଲ୍ଲୀସଭା ଗତ ଦେଢ଼ ମାସ ଭିତରେ ସମାପ୍ତ ହୋଇଛି । ବିସ୍ଥାପିତ ହେଉଥିବା ୪୧ ଗାଁ ମଧ୍ୟରୁ ୨୧ଟି ଗାଁ ସ୍ୱତନ୍ତ୍ର ଭାବେ ସ୍ଥାନାନ୍ତର ହେବେ । ଏଥିପାଇଁ ୧୬୫୮ କୋଟି ଟଙ୍କା ମଂଜୁର ହୋଇଛି । ଯୋଜନା କାର୍ଯ୍ୟକାରୀ ହେଲେ ୨୩ ହଜାର ୩୦୦ ହେକ୍ଟର ଜମି ଜଳସେଚିତ ହୋଇପାରିବ । ମୁଖ୍ୟତଃ ବିସ୍ଥାପିତ ହେବାକୁ ଥିବା ଗ୍ରାମଗୁଡିକର ୩୦ ବର୍ଷ ହେଲା ସଂଶୋଧନ ହୋଇପାରିନାହିଁ । ଏହାକୁ ସଂଶୋଧନ କରାଗଲା ପରେ ବିସ୍ଥାପିତ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ । ବିସ୍ଥାପିତଙ୍କ ପାଇଁ ୩୮୦୦ ଏକର ଜମି ସଂରକ୍ଷିତ କରାଯାଇଛି । ସେମାନଙ୍କୁ ସରକାରୀ ମୂଲ୍ୟାୟନ ଅନୁସାରେ ଏବଂ ଜମି ଏବଂ ଗୃହ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରାଯିବ । ବିସ୍ଥାପିତଙ୍କ ପାଇଁ ସ୍ୱତନ୍ତ୍ର କଲୋନୀ ନିର୍ମାଣ କରିବା ଲାଗି ପ୍ରସ୍ତାବ ରହିଛି । ଉକ୍ତ ପ୍ରକଳ୍ପରେ ମଂଜାରୀ, ପାମ୍ପଡା, ଭଗାମୁଣ୍ଡା, ଟାଙ୍ଗନାଡି, ଗୁଣ୍ଠୁରୀବାରି, ଜାନିପଦର, ବିଡାପାଙ୍କୁ, ଭୀମକଳା, ତଳଟିକିରି, ଗୁରହା, ଉପରବିଡା ପ୍ରଭୃତି ଗ୍ରାମ ସମ୍ପୂର୍ଣ୍ଣ ବିସ୍ଥାପିତ ହେବ । ପଥରଗଣ୍ଡ, କୁଲୁରୁକୁମ୍ପା, ଗାନ୍ଧାରୀଖୋଲ, କୁଟିବାରୀ, ଗୁଣ୍ଠୁରୁଖୋଲ, ଖାଲପାଙ୍କୁ (ନୂଆଗାଁ), ପାଜିଗୁଡା, ତଳବିଡା, ହଳଦିଆ ପାହାଡ, ରାଣୀଝରି ପ୍ରଭୃତି ଦଶଟି ଗ୍ରାମ ମଧ୍ୟ କ୍ଷତିଗ୍ରସ୍ତ ହେବ । ଏହା ସହିତ କେରାପାଡୁ, ଗୁରହାଖେରା, କୃଷ୍ଣପ୍ରସାଦ, ଦୁର୍ଗାପ୍ରସାଦ, ଦୁଡୁକିପାଙ୍କୁ, ରୁଗୁମୁଣ୍ଡିଆ, ବ୍ରାହ୍ମଣ ଦେଇ ପାହାଡ, ପକୁଡା, ନଉଣ୍ଡିଆ ପଥର, ସଲପ ପାହାଡ, ଖାଲପାଙ୍କୁ, ବାଣିଗୋଚ୍ଛା, ଉପରଟିକିରି, ଗୋଚ୍ଛାବାରି, ଶୁଳିଆପାହାଡ ପ୍ରମୁଖ ଗ୍ରାମର ଜମି ଜଳମଗ୍ନ ହେବ । ସେହିଭଳି ବାଇଝରି, ତୁମୁଡିବିଡା, ବାଣିବିରୀ, ଡଙ୍ଗିବାଡି, ଖେସରା ପ୍ରଭୃତି ଗ୍ରାମ ଆଂଶିକ ଜମି କ୍ଷତିଗ୍ରସ୍ତ ହେବ । ତେଣୁ ଏହି ବିସ୍ଥାପିତଙ୍କ ପାଇଁ ପ୍ରକଳ୍ପ ତରଫରୁ ସ୍ୱତନ୍ତ୍ର ଥଇଥାନ କରାଯିବ । ପାନାବାରୀ, ନଦୀପାହାଡ ଦୁଇଟି ପାହାଡ ମଧ୍ୟସ୍ଥଳରେ ବୃତ୍ତଙ୍ଗ ନଦୀ ପ୍ରବାହିତ ହୋଇଛି । ଏହି ଦୁଇପାହାଡକୁ ସଂଯୋଗ କରି ବନ୍ଧ ନିର୍ମାଣ କରାଯିବ । ବିସ୍ଥାପିତ ହେବାକୁ ଥିବା ଗାଁର କୈବର୍ତ୍ତ ଜାନୀ, ବିନାୟକ ଜାନୀ ପ୍ରମୁଖଙ୍କୁ ଭେଟିବାରୁ ସେମାନେ କହିଥିଲେ ଯେ, ଆମେ ବିସ୍ଥାପିତ ହେବୁ, ଆମକୁ ଏକରଟିଏ ଜାଗା ପ୍ରଦାନ କରିବା ପାଇଁ ଆମେ ଦାବି କରୁଛୁ । ୫ ଡେସିମିଲି ଜାଗା ଘରତିହ ପାଇଁ ଦେଲେ ଆମେ ଚଳିପାରିବୁ ନାହିଁ । ଯଦି ଏହା କରାଯାଏ ତେବେ ବିସ୍ଥାପିତମାନେ ବୃତ୍ତଙ୍ଗ ଜଳସେଚନ ଯୋଜନା ପାଇଁ ସହଯୋଗର ହାତ ବଢ଼ାଇବେ । ଖୋଲା କେନାଲ କରାଯିବ ନାହିଁ । ପାଇପ ଲାଇନ ମାଧ୍ୟମରେ ଜଳସେଚନ କରାଯିବ । ବର୍ତ୍ତମାନ ଏହି କାର୍ଯ୍ୟ ପାଇଁ ୨ଟି ଡିଭିଜନ ଦଶପଲ୍ଲାକୁ ସ୍ଥାନାନ୍ତର କରାଯାଉଛି । ଗୋଟିଏ ଡିଭିଜନ କେନାଲ ନିର୍ମାଣ ଦାୟିତ୍ୱରେ ରହିବ । ଆଉ ଗୋଟିଏ ଡିଭିଜନ ବିସ୍ଥାପିତ ଓ ଥଇଥାନ ଉପରେ କାର୍ଯ୍ୟ କରିବବ । କ୍ୱାଲିଟି କଣ୍ଟ୍ରୋଲ ଡିଭିଜନ ସହ ଏଫଏ ଅଫିସ ଖୋଲାଯିବ । ନୟାଗଡ ସଦର ମହକୁମାରେ ବୃତ୍ତଙ୍ଗ ଜଳସେଚନ ଯୋଜନାର ଏକ କାର୍ଯ୍ୟାଳୟ ରହିବ ବୋଲି ମୁଖ୍ୟ । ଏହା ସହିତ ଏହି ଯୋଜନା କାର୍ଯ୍ୟକାରୀ ହେଲେ ପ୍ରକଳ୍ପରୁ ବିଦ୍ୟୁତ ଉତ୍ପାଦନ ହେବା ଲକ୍ଷ୍ୟ ରହିଛି । ପାଖାପାଖି ୧୦ ମେଗାୱାଟ ବିଦ୍ୟୁତ ନୟାଗଡବାସୀଙ୍କ ଯୋଗାଇ ଦିଆଯିବ । ଉକ୍ତ ପ୍ରକଳ୍ପ ହେଲେ ଜଳସେଚନ ସହିତ ବିଦ୍ୟୁତ ଉତ୍ପାଦନ ହେବ । ପାଖାପାଖି ନୟାଗଡ ଜିଲ୍ଲାର ପ୍ରାୟ ୫ ବ୍ଲକର ଜମି ଜଳସେଚିତ ହେବ । ଏହି କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ ସଂଘ ଏହା ଉପରେ ଗୁରୁତ୍ୱ ଦେଇଥିଲା । ମୁଖ୍ୟଯନ୍ତ୍ରୀ ବେହେରା ଖୁବଶୀଘ୍ର କିଭଳି କାର୍ଯ୍ୟ ସରିବ ସମସ୍ତଙ୍କ ସହଯୋଗ ଚାହିଁଥିଲେ । ବୃତ୍ତଙ୍ଗ ଜଳସେଚନ ଯୋଜନା ନୟାଗଡବାସୀଙ୍କ ଜୀବନରେଖା ବଦଳାଇବ ଓ ଜଳସେଚନର ସୁବିଧା ମିଳିବ ଏଥିରେ ସଂଦେହ ନାହିଁ । ଏହି ପ୍ରତିନିଧି ଦଳରେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପଟ୍ଟନାୟକଙ୍କ ସହ ସମ୍ପାଦକ ସୁବାଷ ଚନ୍ଦ୍ର ମହାପାତ୍ର, ସାମ୍ବାଦିକ ଲୋକନାଥ ମିଶ୍ର, ଗୋକୁଳ ଷଡଙ୍ଗୀ, ବିକ୍ରମ ସ୍ୱାଇଁ, ଜିତେନ୍ଦ୍ର ମହାପାତ୍ର, ବିଭୁ ପଟ୍ଟନାୟକ ଏବଂ ବିଜେପି ନେତା ଓ ସମାଜସେବୀ ସନ୍ତୋଷ ପ୍ରଧାନ, ସମାଜସେବୀ ମନୋଜ ସାହୁ, ପ୍ରଭାସିନୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟଯନ୍ତ